# କଳାହାଣ୍ଡିର ପ୍ରାକୃତିକ ସୌନ୍ଦର୍ଯ୍ୟରେ ବନ୍ଧାପଡ଼ନ୍ତି ପର୍ଯ୍ୟଟକ

ଭବାନୀପାଟଣା, ୭ ।୧୧(ସମିସ)

ସାଂସ୍କୃତିକ, ସାମାଜିକ, ଐତିହାସିକ ଏବଂ ଆଧ୍ୟାତ୍ମିକ ବିଭବରେ ପରିପୂର୍ଣ୍ଣ କଳାହାଣ୍ଡି। ବିଶେଷଭାବେ ଶୀତ ଆରମ୍ଭ ହେଲେ ସାଧାରଣତଃ ପର୍ଯ୍ୟଟନ ଋତୁକୁ ନେଇ ଜିଲ୍ଲାର ପ୍ରସିଦ୍ଧି ରହିଛି ବୋଲି ଅନୁଭାବ ହୁଏ। ଭୌଗୋଳିକ ଦୃଷ୍ଟିରୁ କଳାହାଣ୍ଡି ଜିଲ୍ଲା ପ୍ରକୃତିର ଏକ ଗନ୍ତାଘର; ଯେଉଁଠି ପାହାଡ଼, ପର୍ବତ, ଝରଣା, ଜଳପ୍ରପାତ, ଘନ ଜଙ୍ଗଲ ତଥା ଅନେକ ଐତିହାସିକ କୀର୍ତ୍ତିରାଜି ଦେଖିବାକୁ ମିଳେ। ସେହିସବୁ ସ୍ଥାନଗୁଡିକ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରେ। ଏହି ଦୃଷ୍ଟିରୁ ଉକ୍ତ ପର୍ଯ୍ୟଟନ ସ୍ଥଳଗୁଡିକର ଆଦର ବଢ଼ିଯାଏ। ସେହିଭଳି କଳାହାଣ୍ଡିରେ ଅନେକ ପର୍ଯ୍ୟଟନ କ୍ଷେତ୍ର ଏବେ ବି ବାନ୍ଧି ରଖିବାରେ ସକ୍ଷମ ହୋଇଛି।

ଭବାନୀପାଟଣା କଳାହାଣ୍ଡି ଜିଲ୍ଲାର ସଦର ମହକୁମା। ପ୍ରତିବର୍ଷ ମାଁ ମାଣିକେଶ୍ୱରୀ ମନ୍ଦିରରେ ଦଶହରା ବେଳେ ପ୍ରସିଦ୍ଧ ଛତର ଯାତ୍ରା ଅନୁଷ୍ଠିତ ହୁଏ। ସହରରେ ଥିବା ଭାଗୀରଥି ପାର୍କ ଏକ ଭିନ୍ନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଏ। ଏହା ଭବାନୀପାଟଣାରୁ ଦକ୍ଷିଣ ଦିଗରେ ଥୁଆମୂଳ ରାମପୁର ରାସ୍ତାରେ ପ୍ରାୟ ୩ କିମି ଗଲେ ପଡ଼େ। ସର୍ବସାଧାରଣଙ୍କ ପାଇଁ ଏହି ଉଦ୍ୟାନ ସମୟ ଅତିବାହିତ ପାଇଁ ବେଶ୍ ଗୁରୁତ୍ୱ ବହନ କରିଛି। ଭବାନୀପାଟଣାର ଥୁଆମୂଳ ରାମପୁର ରାସ୍ତାର ୧୫ କିମି ଆଗକୁ ଗଲେ ସୁରମ୍ୟ ଜଙ୍ଗଲ ପରିବେଶରେ ୧୬ ମିଟର ଉଚ୍ଚର ସୁରମ୍ୟ ଜଳପ୍ରପାତ ଫୁର୍ଲିଝରନ ଅନେକ ଦର୍ଶକଙ୍କୁ ବିମୋହିତ କରେ। ଏହା ବ୍ୟତୀତ ଏଠାରେ ଥିବା ଛୋଟ ଶିଶୁ ଉଦ୍ୟାନ ତଥା ବ୍ୟାଘ୍ର ଅନୁସନ୍ଧାନକାରୀ ସୁଉଚ୍ଚ ମଞ୍ଚ ଅନେକ ଲୋକଙ୍କୁ ଆକୃଷ୍ଟ କରେ। ଜଳପ୍ରପାତ ଉପରୁ ଅନେକ ଗୁଡିଏ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିହୁଏ।

ଜାକମ କାଠ ବଙ୍ଗଳା ବର୍ତ୍ତମାନ ନୂଆ ରୂପରେ ସଜା ଯାଇଛି। ଫୁରଲିଝରଣରୁ ୫ କିମି ଆଗକୁ ଗଲେ ପ୍ରାକୃତିକ ପରିବେଶରେ ଏହି ରୂପାନ୍ତରିତ ପୁରୁଣା କାଠ ବଙ୍ଗଳା ଓ ଝରଣା ସାଙ୍ଗକୁ ଏଠାରେ ବିଭିନ୍ନ ଔଷଧୀୟ ବୃକ୍ଷରାଜିର ଉଦ୍ୟାନ ଦେଖିବାକୁ ମିଳେ। କାଠ ବଙ୍ଗଳାରେ ରାତ୍ରି ଯାପନର ବ୍ୟବସ୍ଥା ଭିତରେ ଟିଫିନ ସହ ଖାଇବା ଯୋଗାଇବା ସୁବିଧା ଉପଲବ୍ଧ। ଘୁଷୁରିଗୁଡ଼ି ଯାହା ଭବାନୀପାଟଣାରୁ ଥୁଆମୂଳ ରାମପୁର ରାସ୍ତାରେ ୨୩ କିମି ଦୂର ଗଲେ ତେଡେଲପଦର ଛକ ପଡ଼େ। ସେଠାରୁ ପୂର୍ବକୁ ୩ କିମି ପାଦଚଲା ରାସ୍ତାରେ ଏକ ସର୍ପିଳ ଗତିର ଝରଣା



ସାଙ୍ଗକୁ ଅନେକ ଗୁମ୍ଫା ଦୃଶ୍ୟ ହୁଏ। ଭବାନୀପାଟଣାରୁ ଥୁଆମୂଳ ରାମପୁର ରାସ୍ତାରେ ୩୮ କିମି ଗଲେ କର୍ଲାପାଟ କର୍ଲାପାଟ ଅଭୟାରଣ୍ୟ ରହିଛି। ଏଠାରେ ମଧ୍ୟ ଅନେକ ଜଳପ୍ରପାତ ସାଙ୍ଗକୁ ମାଣିକେଶ୍ୱରୀ ମନ୍ଦିର, ପୁରୁଣା ରାଜପ୍ରାସାଦ ଓ ଅନେକ ବନ୍ୟଜନ୍ତୁ ଦୃଶ୍ୟ ହୁଏ। ଥୁଆମୂଳ-ରାମପୁର ରାସ୍ତାରେ ୫୮ କିମି ଗଲେ ରାନିଡୁମେର ପାଖରେ ଇନ୍ଦ୍ରାବତୀ ଛକ ଅଛି। ଏଠାରୁ ସିଧା ଦକ୍ଷିଣକୁ ଥୁଆମୂଳ ଗାଁ ଦେଇ ୪ କିମି ଗଲେ ମର୍ଦିଗୁଡ଼ା। ଏଠାରେ ଗୋଟିଏ ଆମ୍ବଗଛ ମୂଳରୁ ତିନିଧାର ହୋଇ ଇନ୍ଦ୍ରାବତୀ ନଦୀ ବାହାରିଛି। ଏଠାରେ ଏକ ଶିବ ମନ୍ଦିର ମଧ୍ୟ ରହିଛି। ଥୁଆମୂଳ ରାମପୁରଠାରୁ ଦକ୍ଷିଣକୁ ୧୩ କିମି ଗଲେ ବଡ-ଛତରଙ୍ଗ ଗାଁ। ଏଠାରୁ ୪ କିମି ପଶ୍ଚିମକୁ ମାଟିରାସ୍ତାରେ ଗଲେ ବଲଙ୍ଗି ବୋଲି ଛୋଟ ଗାଁ ପାଖରେ ଏକ ସୁନ୍ଦର ଜଳ ପ୍ରପାତଟିଏ ଅଛି; ଯାହାକୁ ଏଠାକାର ଲୋକେ ସିନ୍ଦେର ଜଳପ୍ରପାତ କହନ୍ତି। ଏହା ଅତୀବ ମନୋରମ ଓ ବିଭିନ୍ନ ସ୍ତରରେ ବିଭକ୍ତ। ଥୁଆମୂଳ ରାମପୁରରୁ ଇନ୍ଦ୍ରାବତୀ ରାସ୍ତାରେ ୩ କିମି ଗଲା ପରେ କୋଷାବରା ଗ୍ରାମର ପଶ୍ଚିମ ପାର୍ଶ୍ୱରେ ଅଛି ହେଲୋ ପଏଣ୍ଟ। କିଆଙ୍ଗଝରନ ମଧ୍ୟ ଦର୍ଶନୀୟ ସ୍ଥାନରୂପେ ଖ୍ୟାତି ଅର୍ଜନ କରିଛି। କଳାହାଣ୍ଡିର ମନ୍ଦିରମାଳିନୀ ବୋଲି କୁହାଯାଉଥିବା ଜୁନାଗଡ଼ ସହର ଭବାନୀପାଟଣାରୁ ପଶ୍ଚିମକୁ ୨୬ କିମି ଦୂରରେ ୨୦୧ ନମ୍ବର ଜାତୀୟ ରାଜପଥରେ ଅବସ୍ଥିତ। ଏଠାରେ ଅନେକ ମନ୍ଦିର ଥିଲେ ମଧ୍ୟ ମାଁ ଲଙ୍କେଶ୍ୱରୀ ମନ୍ଦିରଟି ପ୍ରସିଦ୍ଧ। ଜୁନାଗଡ଼ରୁ ୧୪ କିମି ଦକ୍ଷିଣକୁ ଗଲେ ବୁଢିଦର ପଡ଼େ। ସେଠାରୁ ଶଙ୍କରପଲା ତଥା କୋଇଲାମୁଣ୍ଡା ଗାଁ ଦେଇ ଆଗକୁ ଗଲେ ଏକ ଦ୍ୱିସ୍ତର ବିଶିଷ୍ଟ ଗୋବରଗୋଲା ଜଳପ୍ରପାତ ଦେଖିବାକୁ ମିଳେ। ଅନ୍ୟତମ ପର୍ଯ୍ୟଟନସ୍ଥଳ ଦେଉଣ୍ଡି ଜୁନାଗଡ଼ରୁ ୧୬ କିମି ଜୟପୁର ରାସ୍ତାରେ ଗଲେ କାଲୋପଲା ଗାଁ ପଡେ। ଏଠାରୁ ପୂର୍ବ ଦିଗକୁ ୪କିମି ଗଲେ ଦେଉଣ୍ଡି ଅବସ୍ଥିତ। ଭବାନୀପାଟଣାରୁ ୮୨ କିମି ଓ ଜୟପାଟଣାରୁ ୮ କିମି ଦୂରରେ ଅବସ୍ଥିତ ମୁଖିଗୁଡା। ଏହି ଜାଗାରେ ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଅଛି। ଏଠାରେ ବିଦ୍ୟୁତ୍ ଉତ୍ପାଦନ ସହ ଏହାର ବିଶାଳ ଜଳଭଣ୍ଡାର ସେହି ସ୍ଥାନର ପ୍ରକୃତିରାଜିକୁ ଅତିବ ଚିତାକର୍ଷକ କରିବା ସଙ୍ଗେ ସେଥିରୁ ନିଷ୍କାସିତ ଜଳ ଜିଲ୍ଲାର ଅନେକ ଅନୁର୍ବର ତଥା ଅଣଜଳସେଚିତ ଜମିକୁ ଜଳସେଚିତ କରି କଳାହାଣ୍ଡିର ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇପାରିଛି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଆମପାଣି ପାହାଡ଼ ପାଦଦେଶରେ ପୂଜା ପାଉଥିବା ବୁଢାରଜା ଡୋକରିଚଞ୍ଚରା ଯାହା କଳାହାଣ୍ଡିର ସବୁଠୁ ସୁନ୍ଦର ପ୍ରପାତ। ଏହା ବାଦ ପଥରର ଏକ ବଡ଼ ସମତଳ ଅଞ୍ଚଳ ରହିଛି। ତା ଉପରକୁ ଗୋଟେ କିମି ପାଖାପାଖି ଗଲେ ଭଏରାଘୁମର ଜଳପ୍ରପାତ ପର୍ବତ ଶିଖରରୁ ତଳକୁ ପଡ଼ି ଖୁବ ଆକର୍ଷଣୀୟ ଲାଗେ। ଗୁଡ଼ହାଣ୍ଡି, ଖଲିଗଡ଼ରୁ ଡୋକରିଚଞ୍ଚରା ଯିବା ବାଟରେ ଏହି ସ୍ଥାନଟି ପଡ଼େ। ଏଠାରେ ୧୫ ହଜାର ବର୍ଷ ତଳର କଳା ଓ ଲାଲ ରଙ୍ଗ ଚିତ୍ରିତ ଗୁମ୍ଫାଚିତ୍ର ଅଛି। ଧର୍ମଗଡ଼ରେ ପାରଦେଶ୍ୱର ଶିବମନ୍ଦିର, ପାତାଳେଶ୍ୱର ଶିବମନ୍ଦିର ଓ ଭୀମଙ୍କ ପାଦଚିହ୍ନ ଅଛି। ଖଇରପଦର ଗାଁଟି କଳାହାଣ୍ଡିର ପ୍ରାଚୀନ ପରମ୍ପରାର କୌଳିକ ବୃତ୍ତି ଆଧାରରେ ଏହି ଗାଁର ପ୍ରାୟ ସମସ୍ତ ପରିବାରର ଲୋକେ କାଠ ତିଆରି ବିଭିନ୍ନ ପ୍ରକାର ମୂର୍ତ୍ତି ତଥା ଘରକରଣା ସାମଗ୍ରୀ ତିଆରି କରି ଚଳନ୍ତି। ଏଠିକାର ଲୋକଙ୍କ କାଠକାମ ପୃଥିବୀ ପ୍ରସିଦ୍ଧ। ପ୍ରସିଦ୍ଧ ଚୁରାପାହାଡ, ରାବଣଦରର ଜଳ ପ୍ରପାତ ପର୍ଯ୍ୟଟକଙ୍କ ମନ ମୋହିଥାଏ। ରେତ ନଦୀର ଅତି ଭୟଙ୍କର ଜଳପ୍ରପାତ ପେଙ୍ଗପଦର ଓ ନିଘଞ୍ଚ ଅରଣ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବଜ୍ରଗଡ଼ ପାହାଡରେ ପୁରାତନ ଶିବ ମନ୍ଦିର ବେଲଖଣ୍ଡିର ଧବଳେଶ୍ୱର ଶିବମନ୍ଦିର ଓ ମା ଭୈରବୀ ମନ୍ଦିର ସପ୍ତମାତୃକା ପୀଠ ପାଇଁ ପ୍ରସିଦ୍ଧ। ଅସୁରଗଡ଼ ଐତିହାସିକ ଦୃଷ୍ଟିକୋଣରେ ଖୁବ ଗୁରୁତ୍ୱ ବହନ କରୁଥିବା ଏହି ଗଡ଼ରେ ଅନେକ ପୁରାତନ ସାମଗ୍ରୀ ସବୁ ମିଳିଛି। ବୁଢ଼ୀପଦରର ଦେବଗିରି ପାହାଡରେ ଶିବ ତଥା ଜଗନ୍ନାଥ ପୂଜା ପାଉଛନ୍ତି। ଏହା ବାଦ ଗୁମ୍ଫା ଓ ମଠ ପାଇଁ ଏହା ପରିଚିତ। ଲାଞ୍ଜିଗଡ଼, ଭବାନୀପାଟଣାରୁ ପୂର୍ବକୁ ୬୦ କିମି ଗଲେ ପଡ଼େ ଏହି ସହର। ଏଠାରେ ଏକ ପୁରାତନ ରାଜପ୍ରାସାଦ ରହିଛି। ଏହା ସହ ବେଦାନ୍ତର ଆଲୁମିନା ଫାକ୍ଟ୍ରି କିଛି ଦୂରରେ ଅବସ୍ଥିତ। ଏହି ଜଳପ୍ରପାତ ଲାଞ୍ଜିଗଡ଼ ବ୍ଲକର ଜାମଛୁଆଁ ଗାଁ ପାଖେ ଗଦଗଦା ଜଳପ୍ରପାତ ଅବସ୍ଥିତ। ଭବାନୀପାଟଣାରୁ ତେରେନାମ ଘାଟି ଦେଇ ୨୨କିମି ପରେ ଡ଼ାହାଣକୁ ପଡେ ଏ ପ୍ରପାତ। ନିବୁଜ ଅରଣ୍ୟ ଭିତରେ ଥିବା ଏ ସ୍ଥାନ ଭୋଜି ପାଇଁ ପ୍ରାୟ ଲୋକମୁଖର ହୋଇଥାଏ। ଏହା ବ୍ୟତୀତ କଳାହାଣ୍ଡିରେ ଆହୁରି ଅନେକ ସ୍ଥାନ ଦୃଷ୍ଟିଗୋଚର ହୋଇପାରୁନାହିଁ। ତେବେ ଏ ସମସ୍ତ ପର୍ଯ୍ୟଟନ କ୍ଷେତ୍ରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ଏହା ଦ୍ୱାରା ଏହି ସ୍ଥାନଗୁଡିକ ଆହୁରି ସୁନ୍ଦର ହେବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶରେ ମଧ୍ୟ ସହଯୋଗୀ ହୋଇପାରିବ।

## ନାଏବ ସରପଞ୍ଚଙ୍କୁ ଅସ୍ଥାୟୀ ସରପଞ୍ଚ ଦାୟିତ୍ୱ

କସ୍ତୁପଡ଼ା ପଞ୍ଚାୟତ

କେସିଙ୍ଗା, ୭ ।୧୧(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କସ୍ତୁପଡ଼ା ସରପଞ୍ଚ ମାଳତୀ ଭୋଇ ଅନାସ୍ଥାରେ ନିଜ ପଦ ହରାଇଛନ୍ତି। ଏହାପରେ ବୁଧବାର ନାଏବ ସରପଞ୍ଚ ଅରୁଣା ନାଏକ ଅସ୍ଥାୟୀ ଭାବେ ଜିଲ୍ଲା ପ୍ରଶାସନ ର ନିର୍ଦ୍ଦେଶ କ୍ରମେ ସରପଞ୍ଚ ଦାୟିତ୍ୱରେ କାର୍ଯ୍ୟଭାର ସମ୍ଭାଳିଛନ୍ତି। ଏହି ସମୟରେ ସମସ୍ତ କର୍ମଚାରୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗଛକଟାକୁ ନେଇ ଖସିଯିବାକୁ ବସିଛି ଏନ୍ଏସି

ଧର୍ମଗଡ଼, ୭ ।୧୧(ସମିସ): ଧର୍ମଗଡ଼ ଏନ୍ଏସି କର୍ତ୍ତୃପକ୍ଷ ଗଛକଟା ଘଟଣାରେ ଖସିଯିବାକୁ ଉଦ୍ୟମ ଚଳାଇଛନ୍ତି। ବନ ବିଭାଗର ଅନୁମତି ନ ନେଇ କାର୍ଯ୍ୟାଳୟ ସରିସରରେ ଥିବା ୩ଟି ବିଶାଳ ଗଛକୁ ନିକଟରେ କର୍ତ୍ତୃପକ୍ଷ କାଟି ଦେଇଛନ୍ତି। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଅଡୁଆରେ ପଡ଼ିଛନ୍ତି କର୍ତ୍ତୃପକ୍ଷ। ନିଜକୁ ବଞ୍ଚାଇବା ତଥା ଦୋଷ ତ୍ରୁଟି ଲୁଚାଇବାକୁ ଯାଇ କର୍ତ୍ତୃପକ୍ଷ ହ୍ୱାଟ୍ସଆପରେ ଏବେ ବନ ବିଭାଗର ଅନୁମତି ଲୋଡିଛି। ତେବେ ନିୟମ ଅନୁସାରେ ପ୍ରଥମେ ବନ ବିଭାଗର ଅନୁମତି ଆବଶ୍ୟକ। ଏହାପରେ ସ୍ଥିତି ଓ କାରଣ ଉପରେ ତଦାରଖ କରାଯାଇ ଗଛ କଟା ଯିବାକୁ ନିୟମ ରହିଛି; ହେଲେ କର୍ତ୍ତୃପକ୍ଷ ବନ ବିଭାଗଠାରୁ ଅନୁମତି ପାଇଁ ଆବେଦନ କରି ନ ଥିବା ଧର୍ମଗଡ଼ ଉପଖଣ୍ଡ ବନ ବିଭାଗ ଅଧିକାରୀ ଭବାନୀ ଶଙ୍କର କହଁର କହିଛନ୍ତି। ଏହାର ତଦନ୍ତ କରାଯାଇ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କହିଛନ୍ତି।

## କାମନା ଦଣ୍ଡର ବରିଷ୍ଠ ହାସ୍ୟ କଳାକାରଙ୍କ ପରଲୋକ

ମ.ରାମପୁର, ୭ ।୧୧(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁରର ପ୍ରଥମ କାମନା ଦଣ୍ଡପୀଠ ତାଲସାଗରପଡ଼ା କାମନା ଦଣ୍ଡର ବରିଷ୍ଠ ହାସ୍ୟ କଳାକାର ଗଣ୍ଡାରାମ ଭୋଇ( ୭୦) ଆଉ ନାହାନ୍ତି। ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମାଣିକେରା ପଞ୍ଚାୟତ ପାଜିକେରିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଚିନ୍ତାମଣି ଭୋଇ ମୁଖାଗ୍ନି ଦେଇଥିଲେ।

## କେସିଙ୍ଗାର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା



କେସିଙ୍ଗା, ୭ ।୧୧(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ବିଭିନ୍ନ ସମସ୍ୟା ଓ ଅନେକ ଉନ୍ନତି ମୂଳକ କାର୍ଯ୍ୟର ସଫଳ ରୂପାୟନ ପାଇଁ ଏକ ପ୍ରତିନିଧି ଦଳ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟିଛି। ପୂର୍ବତନ ବିଧାୟକ ପ୍ରଦୀପ ନାଏକଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଭେଟିଥିଲା। ଦୁଇଟି ନବ ନିର୍ମିତ ପ୍ରକଳ୍ପର ଉଦ୍‌ଘାଟନ ପାଇଁ ନିମନ୍ତ୍ରଣ ଦେବା ସହିତ କେସିଙ୍ଗା ସହରର ଅନେକ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ମନ୍ତ୍ରୀ ମଧ୍ୟ ସମସ୍ତ ସମସ୍ୟା ଶୁଣି ଯଥା ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ କେସିଙ୍ଗା ଏନ୍ଏସି ଅଧ୍ୟକ୍ଷ ନୃପରାଜ ଯାଦବ, କେସିଙ୍ଗା ବିଜେପି ନଗର ସଭାପତି ମଗନ ସିନ୍ଦୂର, ପ୍ରତାପ ବାଗ, କାଉନସିଲର ଶମ୍ଭୁ ବରର୍ତ୍ତି, ଧରଣୀ ନାଏକ, ପ୍ରକାଶ ବନଛୋର ଓ ବିମଳ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

● ରାତ୍ରିକାଳୀନ କ୍ରିକେଟ୍ ମ୍ୟାଚ

## ତୁର୍ଲାଖମନ ଦଳ ଚାମ୍ପିଅନ



କର୍ଲାମୁଣ୍ଡା, ୭ ।୧୧(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଅଗାଧୁପୁର ରେ ଅଗାଧୁପୁର କ୍ରିକେଟ କମିଟି ପକ୍ଷରୁ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ତୁର୍ଲାଖମନ ଓ ବଲାଙ୍ଗୀର ଜିଲ୍ଲାର ଦୁହେଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁହେଲ ଦଳକୁ ପରାସ୍ତ କରି ତୁର୍ଲାଖମନ ଦଳ ଚାମ୍ପିଅନ ହୋଇଛି। ଲକ୍ଷ୍ମୀନାରାୟଣ ପଣ୍ଡା, ଡୋଲାମଣୀ ଭୋଇ, ପୂର୍ବତନ ବିଜେଡି ବ୍ଲକ ସଭାପତି ଯୁଗଳ କିଶୋର ନାଏକ, ୱାର୍ଡ ମେମ୍ବର ସଂକୀର୍ତ୍ତନ ମାଝୀ, ପୂର୍ବତନ ୱାର୍ଡ ମେମ୍ବର ଶାନ୍ତନୁ କୁମାର, ସାମ୍ବାଦିକ ପ୍ରଦୀପ ସାହୁ, ବୋରପଦର ସରପଞ୍ଚ ସୁବାସ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରିଙ୍କୁ ବେହେରା, ଗୁଡୁ ନାଏକ, ବାବୁବାହନ ଭୋଇ, ସୁଖୀ ମାଝୀ, ସୋନୁ କୁମାର, ଲୁନା କୁମାର, ଶେଷଦେବ ସାହୁ, ଉମାକାନ୍ତ ବାଗ, ମଧୁ ରଣା, ଦେବାଳୟ ରଣା, ଅଶ୍ୱିନୀ ଛତ୍ରିଆ, ହୀରାମଣି ଭୋଇ, ବଳରାମ ରଣା ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ସୂଚନାଯୋଗ୍ୟ, ଶନିବାରଠୁଁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ କଳାହାଣ୍ଡି, ବଲାଙ୍ଗୀର ଜିଲ୍ଲାର ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ।

## ଧର୍ମଗଡ଼ରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା



ଧର୍ମଗଡ଼, ୭ ।୧୧(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ଶୁକ୍ରବାର ଶେଷ ହେବ। ଗୁରୁବାର ଦ୍ୱିତୀୟ ଦିନରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ ପରିଡ଼ା, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ମହାଳି, ଜୁନାଗଡ଼ କୃଷି ଜିଲ୍ଲା ଅଧିକାରୀ କମଳ ନାଏକ, ଧର୍ମଗଡ଼ କୃଷି ଜିଲ୍ଲା ଅଧିକାରୀ ସଞ୍ଜୟ ପାତ୍ର, ଧର୍ମଗଡ଼ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ମଳୟ ସିଂହ, ଧର୍ମଗଡ଼ ବ୍ଲକ କୃଷି ଅଧିକାରୀ ନୀଳକଣ୍ଠ ମେହେର ପ୍ରମୁଖ ଯୋଗ ଦେଇଥିଲେ। ବିନୟ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ବିଜମରା ବିଦ୍ୟାଳୟରେ ଅମୃତ ପାଠ୍ୟ ସେବା କାର୍ଯ୍ୟକ୍ରମ



କଲମପୁର, ୭ ।୧୧(ସମିସ): ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। ସେମାନଙ୍କ ପାଠପଢ଼ାରେ ସହଯୋଗ କରିପାରିଲେ ଯେଉଁ ପୁଣ୍ୟ ଅର୍ଜନ ହେବ ତାହା ସର୍ବଶ୍ରେଷ୍ଠ। ଏଥିପାଇଁ ସମସ୍ତେ ଆଗେଇ ଆସିବା ଉଚିତ। ଅମୃତ ପାଠ୍ୟ ସେବା କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ବିଜମରାସ୍ଥିତ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ନେତାଜୀ ସେବା ସଂଗଠନ, ବିଜମରା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଗଠନ ସଭାପତି ସଞ୍ଜୀବ ଠାକୁର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ବିଜମରା ଶାଖା ପରିଚାଳକ ରବିରଞ୍ଜନ ଗମାଙ୍ଗୋ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଖଗେଶ୍ୱର ମାଝୀ, ସହକାରୀ ଶିକ୍ଷକ ଅରବିନ୍ଦ ହରପାଳ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଦ୍ୟୁମ୍ନ ମହାନ୍ତି, ସମ୍ପାଦକ ଦୁଷ୍ମନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶାନ୍ତ ମାଝୀ ସଂଯୋଜନା କରିଥିବା ବେଳେ ଲଳିତ ବିଶି ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ସଂଗଠକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବେଦପ୍ରକାଶ ପଣ୍ଡା ଏବଂ ନାଗାର୍ଜୁନ ନାୟକ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ନବମ ଓ ଦଶମ ଶ୍ରେଣୀର ୧୦ଜଣ ଗରିବ ମେଧାବୀ ବିଦ୍ୟାର୍ଥୀଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଥିଲା। ସେହିଭଳି ଦଶମ ଶ୍ରେଣୀର ଦଶଜଣ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ପ୍ରଦାନ କରାଯାଇଥିଲା। ସଂସ୍କୃତି, ପୁରାଣ, ସାହିତ୍ୟ, ବିଧି ଓ ପର୍ବପର୍ବାଣି, ବିଜ୍ଞାନ, ଗଣିତ ସମ୍ବନ୍ଧୀୟ ପ୍ରଶ୍ନମଞ୍ଚର ଭାଗ ନେଇ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। ଶିକ୍ଷକ କ୍ଷୀରୋଦ ପ୍ରଧାନ ଓ ଯମୁନା ଶବର ସହଯୋଗ କରିଥିଲେ।

● ଜଙ୍ଗଲରେ ବେଆଇନ ମକାଚାଷକୁ ବିରୋଧ

## ସାହାଜଖୋଲ ବନ ସୁରକ୍ଷା ସଂଘର ରାସ୍ତାରୋକ

କୋକସରା, ୭ ।୧୧(ସମିସ): କୋକସରା ବ୍ଲକ ଆମପାଣିରେ ଗୁରୁବାର ସାହାଜଖୋଲ ବନ ସୁରକ୍ଷା ସଂଘ ୨୬ ମମ୍ବର ଜାତୀୟ ରାଜପଥ ଅବରୋଧ କରିଛି। ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ବେଆଇନ ମକା ଚାଷ କରି ଜଙ୍ଗଲ ନଷ୍ଟ କରୁଥିବା ମକା ମାଫିଆକୁ ହଟାଇବା, ସେମାନଙ୍କୁ ପ୍ରଶ୍ରୟ ଦେଉଥିବା ଫରେଷ୍ଟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବନ ସୁରକ୍ଷା ମହାସଂଘ ଦାବି କରିଛି।



ଧର୍ମଗଡ଼ ବନାଞ୍ଚଳ ଦକ୍ଷିଣ ବନଖଣ୍ଡ ବେହେରା ଓ ଆମପାଣି ଫରେଷ୍ଟ ସେକ୍ସନ ଅଧୀନରେ ଧଅଁରପୁରଠାରୁ ଆମପାଣି ପର୍ଯ୍ୟନ୍ତ ପ୍ରାୟ ୧୨ ହଜାର ୯୯୮ ହେକ୍ଟର ପରିମିତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ରହିଛି। ଏହି ଜଙ୍ଗଲରେ ଗତ କିଛିବର୍ଷ ହେଲା ପଡୋଶୀ ରାଜ୍ୟ ଓ ଜିଲ୍ଲା ବାହାରର ମାଫିଆ ଅନାଧିକୃତ ଭାବେ ପଶି ହେକ୍ଟର ହେକ୍ଟର ଜଙ୍ଗଲକୁ ନଷ୍ଟ କରି ମକା ଚାଷ କରି ଆସୁଛନ୍ତି। ତଥାପି ବନ ବିଭାଗ ପକ୍ଷରୁ ସେମାନଙ୍କୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅଥଚ କିଛି ଭ୍ରଷ୍ଟ ଅଧିକାରୀ ସେମାନଙ୍କୁ ପ୍ରଶ୍ରୟ ଦେଉଛନ୍ତି। ଜଙ୍ଗଲରୁ ମକା ମାଫିଆଙ୍କୁ ହଟାଯିବା ପାଇ ୨୦୨୧ରେ ପ୍ରଶାସନ ସହିତ ବନ ସୁରକ୍ଷା ସମିତିର ଏକ ଶାନ୍ତି କମିଟି ଗଠନ ହୋଇ ବୈଠକ ବସିଥିଲା। ତେବେ ବୈଠକରେ ହୋଇଥିବା ନିଷ୍ପତ୍ତିକୁ ଜିଲ୍ଲା ପ୍ରଶାସନ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିନି। ଏହାକୁ ନେଇ ବାରମ୍ବାର ଅଭିଯୋଗ କରାଯାଇଛି। ଏଥି ସହ ଧର୍ମଗଡ଼ ବନାଞ୍ଚଳ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବା ସହ ଆମପାଣି ଓ ବେହେରା ଫରେଷ୍ଟରେ ନୂତନ ଅଧିକାରୀ ଦେବାକୁ ଦାବି କରାଯାଇଛି। ବନ ସୁରକ୍ଷା ମହାସଂଘର ସଭାପତି ହେମନ୍ତ ମାଝୀଙ୍କ ନେତୃତ୍ୱରେ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଅଞ୍ଚଳବାସୀ ଆମପାଣି ଫରେଷ୍ଟ ଅଫିସରେ ତାଲା ପକାଇ ଦେଇଥିଲେ। ଏହାପରେ ଆମପାଣିରେ ରାଜ ରାସ୍ତାକୁ ଅବରୋଧ କରି ଧାରଣା ଦେଇଥିଲେ। ଆମପାଣି ଥାନା ଅଧିକାରିଣୀ ବିଜୟଲକ୍ଷ୍ମୀ ହିକକା ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନ କାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଜିଦରେ ଅଟଳ ରହିଥିଲେ। ଏହାପରେ ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ମନୋଜ ବେହେରା ଆନ୍ଦୋଳନ ସ୍ଥଳରେ ପହଞ୍ଚି ଦିର୍ଘ ସମୟ ଧରି ଆଲୋଚନା କରିଥିଲେ। ପ୍ରଶାସନ ସହିତ ଆଲୋଚନା କରାଇବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ଉଠିଥିଲା। ଏହାପରେ ଆନ୍ଦୋଳନକାରୀ ବନପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଧର୍ମଗଡ଼ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ମଲ୍ଲିକ ଓ ମାଜିଷ୍ଟ୍ରେଟ ଶ୍ରୀକାନ୍ତ ଶତପଥୀ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଏହି ଆନ୍ଦୋଳନରେ ବନ ସୁରକ୍ଷା ସମିତିର ସଭାପତି ହେମନ୍ତ ମାଝୀଙ୍କ ସମେତ ନିରଞ୍ଜନ ବାଗ, ଭବେଶ ଗଇନ୍ତା, ଭଜମନ ନାଏକ, ହେମାଙ୍ଗିନୀ ହଂସ, ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ, ସୁଧୀର ବାଗ, ଭୁଜବଳ ସୋରି, ଜିଲ୍ଲା ଆଦିବାସୀ ସଂଘର ସଭାପତି ପ୍ରକାଶ ମାଝୀ, ମଧୁବନ ପାତ୍ର, ସରପଞ୍ଚ ଇଶରାମ କୋଲଥିଆ, ଜୟରାମ ନାଗ, ହରିଶ୍ଚନ୍ଦ୍ର ନାଏକ, ସୁଭାଷ ଖର୍ସେଲ, ପରିକ୍ଷିତ ବେଶ୍ରା, ବେଣୁଧର ଦାସ, ନକୁଳ ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ପାର୍ଥବ ମାଝୀ, ହିମାଞ୍ଚଳ ପୁଝାରୀ ସମେତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ବିଭିନ୍ନ ଗ୍ରାମର ଲୋକେ ସାମିଲ ହୋଇଥିଲେ।

● ଖଡ଼ିଆଳ କଲେଜରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଉଦ୍ଭିଦ ବିଜ୍ଞାନ ବିଭାଗ ଚାମ୍ପିଅନ



ନୂଆପଡ଼ା/ଖଡ଼ିଆଳ,୭ ।୧୧(ସମିସ): ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ସମସ୍ତ ୧୮ ଟି ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। ରସାୟନ ବିଭାଗ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଖେଳରେ ଉଦ୍ଭିଦ ବିଜ୍ଞାନ ବିଭାଗ ବିଜୟୀ ଲାଭ କରିଥିବା ବେଳେ ରସାୟନ ବିଜ୍ଞାନ ବିଭାଗ ରନର୍ସ ଅପ ହୋଇଥିଲା। ବିନୟ କୁମାର ମେହେରଙ୍କୁ ବେଷ୍ଟ ପ୍ଲେୟାର ଭାବରେ ପୁରସ୍କୃତ କରାଯାଇଛି। ଦୁଇ ଟିମ୍‌କୁ ଅଧ୍ୟକ୍ଷ ଟ୍ରଫି ଉପହାର ଦେଇ ପୁରସ୍କୃତ କରାଯାଇଛି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ଯୁକ୍ତ ଦୁଇ ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼.ରଣବୀର ସିଂହ, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ସୁନୀଲ କୁମାର ପାଢ଼ୀ, ପୂର୍ବତନ ଅଧ୍ୟକ୍ଷ ଡ଼.ତରୁଣ କୁମାର ପ୍ରଧାନ, କ୍ରୀଡା ଶିକ୍ଷକ ଡ଼. ସରୋଜ କୁମାର ପଣ୍ଡା, ଛାତ୍ର କଲ୍ୟାଣ ତଥା ଡିନ ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ରାଜ କୁମାର ରତେ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପକ ଡ଼. ସୁରଞ୍ଜନ ପ୍ରଧାନ, ଅଧ୍ୟାପକ ଗୁଣବନ୍ତ ସାହୁ, ଅଧ୍ୟାପକ ଶୁଭ୍ରାଂଶିଷ ବାରିକ, ଅଧ୍ୟାପକ ଚିତ୍ତରଞ୍ଜନ ଜେନା, ଅଧ୍ୟାପକ ତଥାଗତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

କୋକସରା ଅଞ୍ଚଳରେ ବହୁଳ ମାତ୍ରାରେ ମକାଚାଷ

# ପରିଶ୍ରମ ସତ୍ତ୍ୱେ ମିଳୁନି ଉଚିତ ମୂଲ୍ୟ

● ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ବ୍ୟବସାୟିକ ଭିତ୍ତିରେ ଚାଷ ହେଉଛି

● ସରକାରୀସ୍ତରରେ ମକା ବିକ୍ରି ନିମନ୍ତେ ମଣ୍ଡି ବ୍ୟବସ୍ଥା ନାହିଁ

କୋକସରା, ୭ ।୧୧(ସମିସ)

କଳାହାଣ୍ଡି ଜିଲ୍ଲାର କୋକସରା ଅଞ୍ଚଳରେ ବହୁଳ ମାତ୍ରାରେ ମକା ଚାଷ ହେଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ପାରମ୍ପରିକ ପଦ୍ଧତିରେ ଲୋକେ ମକା ଚାଷ କରୁଥିବାବେଳେ ବର୍ତ୍ତମାନର ସମୟରେ ଚାଷୀ ଏହାକୁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ବ୍ୟବସାୟିକ ଭିତ୍ତିରେ ଚାଷ କରୁଛନ୍ତି। ବ୍ଲକର ୨୨ଟି ପଞ୍ଚାୟତ ମଧ୍ୟରେ ବିଶେଷ କରି ଗୋତମୁଣ୍ଡା, ସାନପୋଡାଗୁଡା, ଡୁଡୁକାଠେଙ୍ଗା, ମହିମା, ଖୁଣ୍ଟିଆ, ଡହଗାଁ, ବଡ଼ପୋଡ଼ାଗୁଡ଼ା, ଆମପାଣି, ବରାଡଙ୍ଗା, ଟେମରା, କାଉଡୋଳା, ଡାଲଗୁମା ଆଦି ପଞ୍ଚାୟତରେ ମକା ଚାଷ ହେଉଛି। ଏହି ସବୁ ସ୍ଥାନରେ ଉତ୍ପାଦିତ ହେଉଛି ହଜାର ହଜାର କୁଇଣ୍ଟାଲ ମକା। ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ ମକା ବିଲରେ କାମ କରିବା ପାଇଁ ନିୟୋଜିତ ହୋଇଥାନ୍ତି। ପ୍ରତ୍ୟେକ ଦିନ ନିଜ ଅଞ୍ଚଳରେ କାମ ମିଳୁଥିବାରୁ ଶ୍ରମିକମାନେ ମଧ୍ୟ ବେଶ୍ ଖୁସି ପ୍ରକାଶ କରିଛନ୍ତି। ମକା ଗଛରେ ସମୟ ଅନୁସାରେ ସାର, ଖତ ଦେବା, ଗଛର



ଯତ୍ନ ନେବା ସହ ଜଙ୍ଗଲଜନ୍ତୁଙ୍କଠାରୁ ରକ୍ଷା ପାଇବା ପାଇଁ ଲୋକମାନେ ନିୟୋଜିତ ହୋଇଥାନ୍ତି। ସମସ୍ତ ଖର୍ଚ୍ଚ ଯାଇ ୧ ଏକର ଜମିରୁ ପ୍ରାୟ ୨୦ ହଜାର ଲାଭ ପାଆନ୍ତି ଜମି ମାଲିକ। ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଚଳିତ ବର୍ଷ କୋକସରା ବ୍ଲକରେ ୨, ୨୧୦ ହେକ୍ଟର ଜମିରେ ମକା ଚାଷ ହୋଇଛି। ତେବେ ବେସରକାରୀ ଭାବେ ୫/୬ ହଜାରରୁ ଅଧିକ ଜମିରେ ମକା ଚାଷ ହୋଇଥିବା ଜଣାପଡ଼ିଛି। ସରକାରୀସ୍ତରରେ ମକା ବିକ୍ରି ନିମନ୍ତେ ମଣ୍ଡି ବ୍ୟବସ୍ଥା ନ ଥିବା ଓ ଚଳିତ ବର୍ଷ ମକାର ସରକାରୀ ମୂଲ୍ୟ ୨, ୨୩୪ ଟଙ୍କା ଥିବା କୃଷି ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଅନ୍ୟପଟେ ସରକାରୀ ମୂଲ୍ୟଠାରୁ ବେପାରୀଙ୍କଠାରେ ବିକ୍ରି କରି ମକା ଚାଷୀ କିଛି ପାଇସା ଅଧିକ ପାଉଥିବାରୁ ଅମଳ ପରେ ଚାଷୀମାନେ ସିଧାସଳଖ ସେମାନଙ୍କୁ ଟେକି ଦେଉଛନ୍ତି। ବ୍ୟବସାୟୀ ମଧ୍ୟ ଚାଷୀଠାରୁ କିଣି ବିଭିନ୍ନ ସହରକୁ ମକା ଚାଲାଣ କରୁଛନ୍ତି। ସରକାର ମକାର ଯେଉଁ ମୂଲ୍ୟ ଧାର୍ଯ୍ୟ କରିଛନ୍ତି ତାହା ଚାଷୀଙ୍କ ପାଇଁ କମ୍ ହେଉଛି। ତେଣୁ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କାକୁ ବୃଦ୍ଧି କରିବା ସହ କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ମକାମଣ୍ଡି ବ୍ୟବସ୍ଥା ପାଇଁ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ଯଜ୍ଞେଶ୍ୱର କହଲସିଂହ
ସାହିତ୍ୟିକ ଓ ଶିକ୍ଷାବିତ
ଲୋକିପୁର, ଗଡ଼ମାଣିତିର, ଖୋର୍ଦ୍ଧା
ଆବିର୍ଭାବ- ୧୮.୦୮.୧୯୪୭
ତିରୋଧାନ - ୧୯.୧୧.୨୦୨୩

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ପୁଅବୋହୂ -ରତିକାନ୍ତ, ମିନାକ୍ଷୀ, ନିଶିକାନ୍ତ, ସ୍ୱପ୍ନପ୍ରଭା, ଶୁଭକାନ୍ତ, ଶୁଭଶ୍ରୀ, ସୀତାକାନ୍ତ, ଲିପି, ଶତିକାନ୍ତ, ଚୁନୁ, ସୌମ୍ୟକାନ୍ତ, ସ୍ନେହା, ନାତୁଣୀନାତି -ଲିଟି, ଶିକି ସ୍ୱିଟି, ପ୍ରାଚୀ, ଚୁଚୁନା, ଟିଟି, ବିଲୁ ଓ ପ୍ରଭୁ ପରିବାରବର୍ଗ

# ଛଟ୍ ପୂଜା ଆରମ୍ଭ ▶ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ବ୍ରତଧାରୀ




ରାଉରକେଲା, ୭।୧୧(ସମିସ)

ଆଜି ଥିଲା ଆସ୍ଥା ଓ ବିଶ୍ୱାସର ମହାପର୍ବ ଛଟ୍ ପୂଜାର ପ୍ରଥମ ଅର୍ଘ୍ୟ। ଏଥିପାଇଁ ରାଉରକେଲା ସହର ଚଳଚଞ୍ଚଳ ହେବା ସହ ବିଭିନ୍ନ ଜଳାଶୟରେ ଭିଡ଼ ଜମିଥିଲା। ଏପରିକି ରାଉରକେଲା ସହର ସମେତ ଏହାର ଆଖପାଖ ଅଞ୍ଚଳରେ ୪୦ରୁ ଊର୍ଦ୍ଧ୍ୱ ଘାଟରେ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଅପରାହ୍ନରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଥମ ଅର୍ଘ୍ୟ ଦେଇଥିଲେ ବ୍ରତଧାରୀ। ଘାଟରେ ଲକ୍ଷାଧିକ ଶ୍ରଦ୍ଧାଳୁ ପହଞ୍ଚି ଛଟ୍ ମାଆଙ୍କ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇଥିଲା। ଶୁକ୍ରବାର ଉଦିତ ସୂର୍ଯ୍ୟଙ୍କୁ ଦ୍ୱିତୀୟ ଅର୍ଘ୍ୟ ଦିଆଗଲା ପରେ ପର୍ବ ଶେଷ ହେବ।

ସୂଚନାଯୋଗ୍ୟ ଯେ 'ନାହାଏ ଖାଏ' ଏବଂ 'ଖରନା' ପରେ ଗୁରୁବାର ଛଟ୍ ମହାପର୍ବର ତୃତୀୟ ଦିନ ଥିଲା। ରାଉରକେଲା ସମେତ ଆଖପାଖ ଘାଟଗୁଡ଼ିକରେ ଅର୍ଘ୍ୟ ପାଇଁ ଭିଡ଼ ଜମିଥିଲା। ଅପରାହ୍ନରେ ସୂର୍ଯ୍ୟ ଅସ୍ତ ସମୟରେ ଏକା ସଙ୍ଗେ ଅନେକ ଶ୍ରଦ୍ଧାଳୁ ଅର୍ଘ୍ୟ ଦେଇଥିଲେ। ଘାଟ ଗୁଡ଼ିକରେ ପ୍ରାୟ ୨ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଅପରାହ୍ନ ୨ଟାରୁ ରାତି ୭ଟା ପର୍ଯ୍ୟନ୍ତ ବାଲିଘାଟ ଓ ରୁପ୍‌ଟୋଲା ଦେଇ ଯାଇଥିବା ଜାତୀୟ ରାଜପଥରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା। ଅଧିକାଂଶ ଘାଟରେ ମହାନଗର ନିଗମ ପକ୍ଷରୁ ବିଜୁଳି ବ୍ୟବସ୍ଥା କରାଯାଇଥିଲା। ସେହିପରି ହିନ୍ଦୁ ଜାଗରଣ ମଞ୍ଚ, ରାଷ୍ଟ୍ରୀୟ ଜନ ଜାଗରଣ ସେବା ସଂଘ ଓ ସ୍ୱର୍ଣ୍ଣକାର ଯୁବ ମଞ୍ଚ, ବିହାରୀ ଯୁବ ମଞ୍ଚ ଓ ବିହାର ସାଂସ୍କୃତିକ ପରିଷଦ ବିହାରୀ ଯୁବ ମଞ୍ଚ, ବିହାର ସମାଜ ସେବା ସଂଘ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇଥିଲା। ସେହିପରି ରେଲୱେ କଲୋନୀ, ଗୋପବନ୍ଧୁପାଲି ପୋଖରୀ, ହୋଟେଲ୍ ସନ୍ତୋଷ କମ୍ପ୍ଲେକ୍ସ, ପାନପୋଷ ହାଡପୋକା ଘାଟ, ପାଡ଼ୀ ଘାଟ, ହନୁମାନ ଘାଟ, ବାଲିଘାଟ, ଝିରପାଣି ଘାଟ, ବନ୍ଧମୁଣ୍ଡା ସେକ୍ଟର ବି ପୋଖରୀ, ତିଳିକାନଗର ଘାଟ, କୋଇଲା ଗେଟ ପୋଖରୀ, ସେକ୍ଟର -୧୬ ନଦୀ ଘାଟ ଠାରେ ଛଟ ପର୍ବ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ ଯେ ପବିତ୍ର ଛଟ୍ ପର୍ବ ହେଉଛି ଉତ୍ତର-ପୂର୍ବ ଭାରତ ଅନ୍ତର୍ଗତ ବିହାର ଓ ଉତ୍ତରପ୍ରଦେଶ ଦୁଇଟି ରାଜ୍ୟର ପ୍ରସିଦ୍ଧ ପର୍ବ। ଏବେ ଏହା ସମଗ୍ର ଦେଶ ତଥା ବିଦେଶରେ ମଧ୍ୟ ପାଳନ କରାଯାଉଛି। ରାଉରକେଲାରେ ବିହାର ଓ ଉତ୍ତରପ୍ରଦେଶ ଅଞ୍ଚଳରୁ ବସବାସ କରୁଥିବା ପ୍ରାୟ ୨ ଲକ୍ଷ ଲୋକ ସହରର ରେଲୱେ କଲୋନୀ, ଗୋପବନ୍ଧୁପାଲ୍ଲୀ, ବନ୍ଧମୁଣ୍ଡା, ପାନପୋଷ, ଛେଣ୍ଡ କଲୋନୀ, ଝିରପାଣି, ଲାଠିକଟା, ବାଲିଘାଟ, ବ୍ରାହ୍ମଣୀ ନଦୀ କୂଳ, ସେକ୍ଟର - ୧୬ସ୍ଥିତ କୋଏଲ ନଦୀ ବାଲିଘାଟ ପ୍ରଭୃତି ଅଞ୍ଚଳରେ ଛଟ୍ ପର୍ବ ପାଳିବାକୁ ଏକାଠି ହୋଇଥିଲେ। ଏଥିପାଇଁ ସହର ଉପକଣ୍ଠ ଶଙ୍ଖ, କୋଏଲ, ବ୍ରାହ୍ମଣୀ ଆଦି ନଦୀରେ ଭିଡ଼ ହୋଇଥିଲା। ଅସ୍ତଗାମୀ ସୂର୍ଯ୍ୟଙ୍କୁ ଜଳ ତର୍ପଣ କରିଥିଲେ। ବିଧିବିଧାନରେ ଏହି ପୂଜା କଲେ ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବ୍ରତଧାରୀମାନେ ବିଶ୍ୱାସ କରନ୍ତି।

ସୂଚନାଯୋଗ୍ୟ ଯେ ଖରନା ଅବସରରେ ବ୍ରତଧାରୀମାନେ ନିର୍ଜଳା ଉପବାସ ରହି ଅଟା, ଗୁଡ ଏବଂ ଶୁଦ୍ଧ ଘିଅରେ ଠେକୁଆ ନାମକ ଏକ ପ୍ରସାଦ ପ୍ରସ୍ତୁତ କରିଥିଲେ। ଏଥିସହ ନଡ଼ିଆ, କଦଳୀ, ପିଜୁଳି, ଆଖୁ, ପାଣି ସିଙ୍ଗଡ଼ା, ଗାଜର, ମୂଳା, ପ୍ରଭୃତି ସମସ୍ତ ପ୍ରକାର ଫଳମୂଳ ପ୍ରସାଦ ଭାବେ ସୂର୍ଯ୍ୟ ଦେବତାଙ୍କ ପାଖରେ ଲାଗି କରିଥିଲେ। ଏକ ବଡ଼ ଟୋକେଇରେ ସମସ୍ତ ପ୍ରକାର ପ୍ରସାଦକୁ ମୁଣ୍ଡରେ ମୁଣ୍ଡେଇ ଶ୍ରଦ୍ଧାଳୁମାନେ ଜଳାଶୟ ନିକଟକୁ ଯାଇଥିଲେ। ଶୁକ୍ରବାର ପ୍ରତ୍ୟୁଷରୁ ପୁଣି ନଦୀ କୂଳକୁ ଯାଇ ବ୍ରତଧାରୀମାନେ କ୍ଷୀର ଓ ଜଳ ତର୍ପଣ କରିବେ।

# ଚଳନ୍ତା ଟ୍ରେନ୍‌ରୁ ମୋବାଇଲ ଲୁଟେରା କାବୁ



**ରାଉରକେଲା, ୭।୧୧(ସମିସ):** ଏକ ଚଳନ୍ତା ଟ୍ରେନରୁ ଜଣେ ମୋବାଇଲ ଲୁଟେରାକୁ ଯାତ୍ରୀଙ୍କ ସହାୟତାରେ ରେଳବାଇ ପୁଲିସ କାବୁ କରି ତା ନିକଟରୁ ୩ଟି ଲୁଟ୍ ମୋବାଇଲ ଫୋନ ଜବତ କରିଥିବା ସୂଚନା ମିଳିଛି। ଏହି ଘଟଣାରେ ରାଉରକେଲା ରେଳବାଇ ଥାନା ଅଧିକାରୀ ରେଶ୍ମା ଏକ୍କା ଏ ନେଇ ଏକ ମାମଲା ରୁଜୁ କରିବା ମୋବାଇଲ ଲୁଟେରା ମହମ୍ମଦ ଇବ୍ରାହିମ୍ ଆନସାରୀ (୨୨) ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ତା ନିକଟରୁ ୩ଟି ଲୁଟ୍ ମୋବାଇଲ ଫୋନ ଜବତ କରାଯାଇଛି। ତାର ଘର ଝାରସୁଗୁଡ଼ା ମୁମ୍ବାଇ ଛକ ଅନ୍ତର୍ଗତ ବିହାରୀ ପଡ଼ାରେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଆଲାପୂଜା ଧାନବାଦ ଏକ୍ସପ୍ରେସରେ ଆନନ୍ଦ କୁମାର ନାମକ ଜଣେ ବ୍ୟକ୍ତି କେରଳରୁ ରାଞ୍ଚି ଯାଉଥିଲା ବେଳେ ଟ୍ରେନ ରାଉରକେଲା ଷ୍ଟେସନ ଛାଡିବା ପରେ ଇବ୍ରାହିମ ତାଙ୍କ ଠାରୁ ମୋବାଇଲ ଫୋନ ଲୁଟ କରିଥିଲା। ଏହାପରେ ହଟିଆ ନିକଟରେ ଯାତ୍ରୀମାନେ ତାକୁ କାବୁ କରି ରେଳବାଇ ପୁଲିସରେ ଜିମା ଦେଇଥିଲେ।

# ସେଲ୍ ଆର୍‌ଏସ୍‌ପିର ମେକାନିକାଲ୍ ସପରେ ଠିକା ଶ୍ରମିକ ପୁରସ୍କୃତ



**ରାଉରକେଲା, ୭।୧୧ (ସମିସ):** ରାଉରକେଲା ଇସ୍ପାତ କାରଖାନାର ମେକାନିକାଲ୍ ସପ୍‌ରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ଏକ ସ୍ୱତନ୍ତ୍ର ପୁରସ୍କାର କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। ଏଥିରେ ଡିଜାଇନ୍ ଓ ସପ୍ ମେକାନିକାଲ ବିଭାଗର ଜିଏମ୍ ଇନ୍-ଚାର୍ଜ ଶେଖର ନାରାୟଣ ଏବଂ ଏଚ୍‌ଆର୍-ସିଏଲ୍‌ସି ଏବଂ ପ୍ରକଳ୍ପ ବିଭାଗର ଜିଏମ୍ ଜି.ଆର୍ ଦାସ ଅଧ୍ୟକ୍ଷତା କରି ବିଭିନ୍ନ ଏଜେନ୍ସିର ୧୭ ଜଣ ଠିକା ଶ୍ରମିକଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କାର୍ମିକ ବିଭାଗର ସିନିୟର ମ୍ୟାନେଜର ସଙ୍ଗୀତା ଏମ ସିନ୍ଧୁର ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ହଟ୍ ଷ୍ଟ୍ରିପ୍ ମିଲ୍ -୨ ବିଭାଗ ପାଇଁ ୪ଟି ଭି ସାଡଲ୍ ପ୍ୟାଲେଟ୍ ଉତ୍ପାଦନ ପାଇଁ ଠିକା ଶ୍ରମିକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଉପରୋକ୍ତ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନେ ଚିତ୍ରାଙ୍କନ ପ୍ରସ୍ତୁତି, ଗଠନ, ଯନ୍ତ୍ରପାତିଠାରୁ ଆରମ୍ଭ କରି ସ୍ପେୟାର ଯୋଗାଇବା ଇତ୍ୟାଦିରେ ଜଡ଼ିତ ଥିଲେ। ସୂଚନାଯୋଗ୍ୟ ଯେ ମେକାନିକାଲ୍ ସପ୍‌ରେ ଉତ୍ପାଦିତ ଭି ସାଡଲ୍ (ପ୍ୟାଲେଟ୍) ଆର୍‌ଏସପି ପାଇଁ ୧.୫ କୋଟି ଟଙ୍କା ସଞ୍ଚୟ ହୋଇ ପାରିଥିଲା। ଏହି କାର୍ଯ୍ୟକ୍ରମକୁ ମେକାନିକାଲ୍ ସପ ବିଭାଗର ଏଜିଏମ୍ କେଆର୍ ମିଶ୍ର ସଂଯୋଜନା କରିଥିଲେ।

# ଉତ୍କଳ ସାଂସ୍କୃତିକ ପରିଷଦ କାର୍ଯ୍ୟାଳୟ ଉଦ୍‌ଘାଟିତ




**ରାଉରକେଲା, ୭।୧୧(ସମିସ):** ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦର ଅସ୍ଥାୟୀ କାର୍ଯ୍ୟାଳୟ ସେକ୍ଟର-୨ସ୍ଥିତ ଦୁର୍ଗା ପୂଜା ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୩ ଓ ୧୪ ତାରିଖ ଦିନ ହେବାକୁ ଥିବା ଦୁଇ ଦିନିଆ ୩୪ ତମ ବୋଇତ ବନ୍ଦାଣ ଉତ୍ସବ ପାଇଁ ଏହି କାର୍ଯ୍ୟାଳୟ ଖୋଲାଯାଇଛି ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ଶଙ୍କର ଜେନା କହିଛନ୍ତି। ଖାଲି ରାଉରକେଲା କାହିଁକି ସମଗ୍ର ରାଜ୍ୟରେ ସାଂସ୍କୃତିକ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଉତ୍କଳ ସାଂସ୍କୃତିକ ପରିଷଦ ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମର ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଅର୍ଚ୍ଚନା ପାଢ଼ୀ, ନାବ୍ୟା ଜାଇତିଙ୍କ ସମେତ ବହୁ କଳାକାର ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଦେବେନ୍ଦ୍ରନାଥ ସାମନ୍ତରାୟ, ନୀଳାମ୍ବର ପୁହାଣ, ରଶ୍ମିତ ସାହାଣୀ, ମୀନତି ଦେବତା, ଆଦିତ୍ୟ ବାରିକ, ମିଟୁ ବେହୁରିଆ, ସରୋଜ ପ୍ରଧାନ, ଦୁର୍ଗା ଚରଣ ଜେନା, ଜୟନ୍ତ ମହାରଣା, ଆକାଶ ଜେନା, ରଞ୍ଜନ ବାରିକ, ସଞ୍ଜୟ କୁମାର ପ୍ରଧାନ, ମିହିର ମାଝୀ, ଜଗତ ସାହୁ, ଗିରିଜା ଶଙ୍କର ସାହୁ, ପବିତ୍ର ସାହୁ, ଜୟପ୍ରକାଶ ମହାନ୍ତି, ପପୁ ଛତ୍ରିଆ, ବଣ୍ଟି ସିଂ, ଅରୁ ମହାପାତ୍ର, ଲିଙ୍ଗରାଜ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ସାହୁ, ରବୀନ୍ଦ୍ର ବାରିକ, କାର୍ତ୍ତିକ ଖଣ୍ଡୁଆଳ, ବସନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବେଦାନ୍ତ ପକ୍ଷରୁ ୧୪ ସ୍କୁଲ ଓ ୭ ଅଙ୍ଗନବାଡ଼ି କେନ୍ଦ୍ରକୁ ସହାୟତା



**ରାଉରକେଲା, ୭।୧୧(ସମିସ):** ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ର ଜାମକାନି କୋଇଲା ଖଣି ଅଞ୍ଚଳରେ ଥିବା ୧୪ଟି ସରକାରୀ ବିଦ୍ୟାଳୟ ଓ ୭ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଅତ୍ୟାବଶ୍ୟକ ଭିତ୍ତିଭୂମି ଯୋଗାଇ ଦେଇଛି।ଫଳରେ ଏହି ଅଞ୍ଚଳର ୭୫୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଜଣାପଡ଼ିଛି। ଏହାସହ ମୁଣ୍ଡେଲଖେତ, କୋଡ଼ାଜାଲଙ୍ଗା, ଭୋଗ୍ରାକାଚାର, ଘୋଘରପଲ୍ଲୀ, ଜାମକାନି ଓ ଗିରିଷ୍ମା ଗ୍ରାମର ସରକାରୀ ବିଦ୍ୟାଳୟଗୁଡ଼ିକୁ ଡେସ୍କ ଓ ବେଞ୍ଚ, ଚେୟାର, ଟେବୁଲ, ର୍‌ୟାକ, ଆଲମିରା ଆଦି ପ୍ରଦାନ କରିଛି। ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ବ୍ଲକ ଶିକ୍ଷକ ସଂଘର ସଭାପତି ଓ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ କମ୍ପାନୀ ପକ୍ଷରୁ ଏହି ସହାୟତା ପ୍ରଦାନ କରାଯାଇଥିଲା। ବେଦାନ୍ତ କମ୍ପାନୀର ଏଭଳି ପଦକ୍ଷେପ ସମ୍ପର୍କରେ ଭୋଗରକାଛର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭବାନୀଶଙ୍କର ପ୍ରଧାନ କହିଛନ୍ତି ଯେ ଏ ଅଞ୍ଚଳରେ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ବେଦାନ୍ତର ଏପରି ସହଯୋଗ ପ୍ରଶଂସାଯୋଗ୍ୟ। ବ୍ଲକ ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲ କହିଛନ୍ତି ଯେ ଉନ୍ନତ ବିଦ୍ୟାଳୟ ଭିତ୍ତିଭୂମି ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି। ସୂଚନାଯୋଗ୍ୟ, ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ତଥା ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ବେଦାନ୍ତ ପ୍ରତିଶ୍ରୁତିବଦ୍ଧ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଦ୍ୱିତୀୟ ପର୍ଯ୍ୟାୟ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ପାଇଁ କିଟ୍ ଗଲେ ୪୦ ଯୁବକଯୁବତୀ




**ରାଉରକେଲା, ୭।୧୧(ସମିସ):** ସେଲ୍‌ର ରାଉରକେଲା ଇସ୍ପାତ କାରଖାନା ପାର୍ଶ୍ୱ ଅଞ୍ଚଳରେ ରହୁଥିବା ପରିବାରର ୪୦ଜଣ ଯୁବକ ଯୁବତୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ପାଇଁ ଭୁବନେଶ୍ୱର କିଟ୍ ଅନୁଷ୍ଠାନକୁ ପଠାଯାଇଛି। ବୁଧବାର ରାଉରକେଲା ଇସ୍ପାତ କାରଖାନାର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ସିଜିଏମ୍ ଆନନ୍ଦ କୁମାର ଏହି ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ବସ୍‌କୁ ସେକ୍ଟର - ୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହର ପ୍ରଶାସନ ଓ ସିଏସ୍‌ଆର୍ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି କେ ସ୍ୱାଇଁ ଏବଂ ଆର୍‌ଏସ୍‌ପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ବିଷୟରେ ଉଲ୍ଲେଖ କରି ଶ୍ରୀ କୁମାର କହିଥିଲେ ଯେ, ଛାତ୍ରଛାତ୍ରୀଙ୍କୁ ତାଲିମ ଦେବା ସହ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବବର୍ଗ ରୋଜଗାରକ୍ଷମ ହୋଇପାରିବେ। ନିଜର ବକ୍ତବ୍ୟରେ ଶ୍ରୀ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ଏହି ସୁଯୋଗର ସଦୁପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ସିଏସ୍‌ଆର୍ ବିଭାଗର ଜିଏମ୍ ମୁନମୁନ୍ ମିତ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ସିଏସ୍‌ଆର ବିଭାଗର ଏଜିଏମ୍ ଟିବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିବାବେଳେ ସିଏସ୍‌ଆର୍ ବିଭାଗର ମ୍ୟାନେଜର ସୁଶ୍ରୀ ରିଚା ସୁଧିରମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ଯେ ଛାତ୍ରଛାତ୍ରୀଙ୍କ ଗୋଷ୍ଠୀରେ ୨୦ ଜଣ ଆଇଟିଆଇ ଡିଗ୍ରୀଧାରୀ ଏବଂ ଫିଟର, ଇଲେକ୍ଟ୍ରିସିଆନ୍, ମେସିନ୍, ସିଭିଲ୍, ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ ଭଳି ବିଭିନ୍ନ କ୍ଷେତ୍ରରେ ୨୦ ଜଣ ଡିପ୍ଲୋମା ଧାରୀ ସାମିଲ ଅଛନ୍ତି। ଲାଭାର୍ଥୀମାନେ ରାଉରକେଲା ତଥା ବରସୁଆଁ, କାଲଟା ଆଇରନ୍ ଏବଂ ବାଲାଣି ମାଇନ୍ସ ପାର୍ଶ୍ୱାଞ୍ଚଳର ବାସିନ୍ଦା। ଆଇଟିଆଇ ଏବଂ ଡିପ୍ଲୋମା ଡିଗ୍ରୀଧାରୀଙ୍କୁ ସଶକ୍ତ କରିବା ପାଇଁ ଡିଜାଇନ୍ ହୋଇଥିବା ଏହି କାର୍ଯ୍ୟକ୍ରମ ୬ ମାସ ଅବଧି ପର୍ଯ୍ୟନ୍ତ ଚାଲିବ, ତା'ପରେ ଏକ ୧ ବର୍ଷ ନିମନ୍ତେ ହ୍ୟାଣ୍ଡହୋଲ୍ଡିଂ ଅବଧି ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ ଯେ ପ୍ରକଳ୍ପ ସମର୍ଥରେ ମୋଟ ୩୯.୯୭ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି ଯାହା ବଞ୍ଚିତଶ୍ରେଣୀର ଯୁବବର୍ଗଙ୍କୁ ସଶକ୍ତ କରିବା ପାଇଁ ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ବିଦ୍ୟାଳୟ ପରିଦର୍ଶନ କଲେ ବିଧାୟକ

**ରାଉରକେଲା, ୭।୧୧(ସମିସ):** ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଲାଠିକଟା ବ୍ଲକ ଅନ୍ତର୍ଗତ ଦେଓକରଣ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବିଧାୟକ ଦୁର୍ଗା ଚରଣ ତନ୍ତୀ ଆଜି ପରିଦର୍ଶନରେ ଯାଇଥିଲେ। ବିଦ୍ୟାଳୟରେ ପହଞ୍ଚିବା ମାତ୍ରେ ବିଧାୟକଙ୍କୁ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଧାୟକ ଶ୍ରୀ ତନ୍ତୀ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ବନ୍ଧରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କଠାରୁ ବୁଝିବା ପରେ ଛାତ୍ରଛାତ୍ରୀ ମାନଙ୍କ ସହ ମଧ୍ୟ ବିଦ୍ୟାଳୟରେ ଦିଆଯାଉଥିବା ଶିକ୍ଷା ସମ୍ବନ୍ଧରେ ପଚାରି ବୁଝିଥିଲେ। ବିଦ୍ୟାର୍ଥୀମାନେ ଦେଶର ଭବିଷ୍ୟତ, ତେଣୁ କଠିନ ପରିଶ୍ରମ କରି ଜଣେ ନିର୍ଭୀକ, ସଚ୍ଚୋଟ ଓ ଉତ୍ତମ ଚରିତ୍ରବାନ ହେବା ସହିତ ବିଦ୍ୟାଳୟର ସୁନାମ ଅର୍ଜନ କରି ସମାଜ ଓ ଦେଶର ଗଠନରେ ନିଜକୁ ନିୟୋଜିତ କରିବାକୁ ଶ୍ରୀ ତନ୍ତୀ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ।

# ଏଚ୍‌ପିଏଲ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ



**ରାଉରକେଲା, ୭।୧୧(ସମିସ):** ରାଉରକେଲା ସହରର ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରାବାସ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଥିବା ମିନି ଷ୍ଟାଡିୟମ୍‌ରେ ଏଚ୍‌ପିଏଲ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସୁଷମା ମୋଦି, ଛାତ୍ରାବାସର ଅଧୀକ୍ଷକ ତଥା ଅଧ୍ୟାପକ ଅଜୟ ବେହେରା, ଅଧ୍ୟାପକ ଆଭାଷ ହୋତା ଏବଂ ଅଧ୍ୟାପକ ମହେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଖେଳରେ ମୋଟ ୪ଟି ଦଳ ଭାଗ ନେବାକୁ ଥିବାବେଳେ ଫାଇନାଲ୍ ସହିତ ୯ଟି ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାର ଲିଗ୍ ମ୍ୟାଚ୍‌ଗୁଡ଼ିକ ୮ ଓଭର ଲେଖା ହେବାକୁ ଥିବାବେଳେ ସେମିଫାଇନାଲ ଖେଳ ୧୦ ଓଭର ଓ ଫାଇନାଲ୍ ଖେଳ ୧୨ଓଭର ବିଶିଷ୍ଟ ହେବ ବୋଲି ସୂଚନା ଦିଆଯାଇଛି। ପ୍ରତିଯୋଗିତାର ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜନ ସମିତିର ଅଧ୍ୟକ୍ଷଭାବେ ବିଶ୍ୱଜିତ ପଲାଇ ଏବଂ ଉପାଧ୍ୟକ୍ଷ ଉତ୍କଳ କେଶରୀ ମିଶ୍ର, ସମ୍ପାଦକ ରାହୁଲ ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ମହାପାତ୍ର, ସୌମ୍ୟ ରଞ୍ଜନ ସାହୁ, ଅଜୁ ମେହେର ଓ ସମ୍ପଦ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ପ୍ରତିଷ୍ଠା ଦିବସ

**ରାଉରକେଲା, ୭।୧୧(ସମିସ):** ରାଉରକେଲା ଜିଲ୍ଲା ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ୭୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ ଆମ୍ବାଗାନ୍ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ଠାରୁ ୫୦୦ରୁ ଊର୍ଦ୍ଧ୍ୱ ସ୍କାଉଟ ଓ ଗାଇଡ ଏକତ୍ରିତ ହୋଇ ବିଶାଳ ପଦଯାତ୍ରାରେ ବାହାରି ଗୋପବନ୍ଧୁ ଲାଇବ୍ରେରୀ ଯାଏଁ ଯାଇ ପୁଣି ସେଠାରୁ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟକୁ ଆସିଥିଲା। ଏହି ଅବସରରେ ଜିଲ୍ଲା ସମ୍ପାଦକ




ସନ୍ତୋଷ କୁମାର ନାୟକ ଓ ଜିଲ୍ଲା କମିସନର ବ୍ରଜେନ୍ଦ୍ର କୁମାର ଦାସ ଦିବସର ମହତ୍ୱ? ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶୋଭାଯାତ୍ରାରେ ଦୀପିକା ଇସ୍ପାତ ଶିକ୍ଷା ସଦନ, ଓଏସଏପି ହାଇସ୍କୁଲ, ବାଜି ରାଉତ ଶିକ୍ଷା ନିବାସ, ଉଦିତନଗର ସରକାରୀ ବିଦ୍ୟାଳୟ, ନୀଳମାଧବ ବିଦ୍ୟା ମନ୍ଦିର, ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ, ଡିଏଭି ପବ୍ଲିକ ସ୍କୁଲ, ଡିସୋଜା ସ୍କୁଲର ସ୍କାଉଟ ଓ ଗାଇଡ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଶିଶିର କୁମାର ସାମଲ, ହୃଷୀକେଶ ନାୟକ, ଶିଶିର ପାଣି, ସୁଶାନ୍ତ ସିଂ, ସ୍କାଉଟ ମାଷ୍ଟର ଶ୍ରୀବତ୍ସ ସାମଲ, ସୁଜିତ୍ ତନ୍ତୀ, ସୁରେଶ ପଣ୍ଡା, ଅକ୍ଷୟ ଦାସ, ଦେବାଶିଷ ନାୟକ, ରବୀନ୍ଦ୍ର ପାତ୍ର, ଗାଇଡ କ୍ୟାପଟେନ୍ ଲକ୍ଷ୍ମୀ ସାହୁ, ମେରି ଶୀତଳ ସାହୁ, ସରିତା ନାୟକ, ଅଞ୍ଜନା ବେହେରା, ରାଧିକା ଓ ନନ୍ଦିନୀ ପରିଚାଳନା କରିଥିଲେ।

## ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଛା ଛାଡୁନି ବିବାଦ

# ପୁଣି ୨ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଆଣିଲେ ବିଧାୟକ, ଛାତ୍ରଛାତ୍ରୀ

ରାଉରକେଲା, ୭।୧୧(ସମିସ)



ରାଉରକେଲାର ପାନପୋଷସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଛା ଛାଡୁନି ବିବାଦ। ବିଗତ ଦିନରେ ଜଣେ ପିଜି ଛାତ୍ରୀଙ୍କୁ ଅଶ୍ଳୀଳ ଆଚରଣ କରି ମହାବିଦ୍ୟାଳୟର ଜଣେ ଅସ୍ଥାୟୀ ଅଧ୍ୟାପକ ପ୍ରକାଶ ସାହୁ ଜେଲ ଯିବା ସହ କଲେଜରୁ ତଡ଼ା ଖାଇଥିଲେ। ଏହି ଘଟଣାକୁ ଘଣ୍ଟି ଘୋଡ଼ାଇବା ଅଭିଯୋଗରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନାମରେ ମାମଲା ରୁଜୁ ହେବା ପରେ ସେ ହାଇକୋର୍ଟରୁ ସର୍ତ୍ତମୂଳକ ମଧ୍ୟବର୍ତ୍ତୀକାଳୀନ ଜାମିନରେ ଆସିଥିଲେ। ଏହି ଘଟଣା ସମଗ୍ର ରାଉରକେଲାରେ ଚର୍ଚ୍ଚିତ ବିଷୟ ହୋଇଥିବାବେଳେ ଏବେ ପୁଣି ଏକ ସଙ୍ଗୀନ ଅଭିଯୋଗ ଆସିଛି ମହାବିଦ୍ୟାଳୟର ଦୁଇ ଜଣ ଅଧ୍ୟାପକଙ୍କ ବିରୋଧରେ। ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ରାଉରକେଲା ବିଧାୟକ ସମ୍ପୃକ୍ତ ଅଧ୍ୟାପକ ଦ୍ୱୟଙ୍କ ବିରୋଧରେ ଗତ ସେପ୍ଟେମ୍ବର ମାସରେ ବିଭାଗୀୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ଘଟଣାର ତଦନ୍ତ ପାଇଁ ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଆସନ୍ତା କାଲି ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଆସୁଥିବା ସୂଚନା ମିଳିଛି। ସେପଟେ ଆମ ଦସ୍ତଖତକୁ ଜାଲ କରାଯାଇଛି ବୋଲି କିଛି ଛାତ୍ରଛାତ୍ରୀ ଆଜି ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅଭିଯୋଗ କରିବା ଘଟଣାକୁ ଏକ ଭିନ୍ନ ମୋଡ଼ ଦେଉଥିବା ଚର୍ଚ୍ଚା ହେଉଛି।

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଗତ ସେପ୍ଟେମ୍ବର ୨୦ ତାରିଖରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିବାବେଳେ ମହାବିଦ୍ୟାଳୟର ଇଂରାଜୀ ବିଭାଗର ସହକାରୀ ପ୍ରଫେସର ସୁରଥ ଗିରି ଓ ରାଜନୀତି ବିଭାଗର ସହକାରୀ ପ୍ରଫେସର ସି ପି ରଞ୍ଜନ ସେମାନଙ୍କ କ୍ଷମତାକୁ ଅପବ୍ୟବହାର କରୁଛନ୍ତି। ମହାବିଦ୍ୟାଳୟକୁ ଆସୁଥିଲା ବେଳେ ବିଭିନ୍ନ ଆଳ ଦେଖାଇ ନିୟମିତ କ୍ଲାସ କରୁନାହାନ୍ତି। ସେମାନଙ୍କ ବ୍ୟବହାରରେ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ଆଦି ଦର୍ଶାଇ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ତେଣୁ ସେ ଦୁଇ ଅଧ୍ୟାପକଙ୍କୁ ଅନ୍ୟତ୍ର ବଦଳି କରିବାକୁ ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ସେହିପରି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମଧ୍ୟ ଛାତ୍ରଛାତ୍ରୀଙ୍କ ଏହି ଅଭିଯୋଗକୁ ଗୁରୁତ୍ୱ ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପତ୍ର ଲେଖି ଅଭିଯୋଗ କରିଛନ୍ତି ଯେ ମହାବିଦ୍ୟାଳୟକୁ ନିୟମିତ ଗସ୍ତ ବେଳେ ସେ ମଧ୍ୟ ଏପରି ଅଭିଯୋଗ ଶୁଣିଛନ୍ତି। ତେଣୁ ସେ ଦୁହିଁଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଉ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଗତ ସେପ୍ଟେମ୍ବର ୨୫ ତାରିଖରେ ପତ୍ର ଲେଖିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଏହି ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତଦନୁଯାୟୀ

- **ତଦନ୍ତ କରିବାକୁ ଆଜି ଆସିବେ ଆର୍‌ଡି**
- **ଆମ ଦସ୍ତଖତ ଜାଲ କରାଯାଇଛି: ଛାତ୍ରଛାତ୍ରୀ**

ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ସ୍ନିଗ୍ଧା ଚମ୍ପତିରାୟ ଗତ ଅକ୍ଟୋବର ୨୩ ତାରିଖରେ ବିଭାଗୀୟ ଚିଠି ନମ୍ବର ୪୨୦୨୬, ତା ୨୩.୧୦.୨୦୨୪ ରେ ଏହାର ତଦନ୍ତ ପାଇଁ ସମ୍ବଲପୁର ଆର୍‌ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ଗତ ଅକ୍ଟୋବର ୨୮ ତାରିଖରେ ତାଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୩୪୩୩/ ତା ୨୮.୧୦.୨୦୨୪ ରେ ଏହି ଘଟଣାର ତଦନ୍ତ ପାଇଁ ଆସନ୍ତା ୮ ତାରିଖ ସାଢେ ୧୧ଟାରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଆସୁଥିବା ଜଣାଇବା ସହ ଅଭିଯୋଗ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟରେ ଉପସ୍ଥିତ କରାଇବାକୁ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଏହି ତଦନ୍ତ ଘଟଣା ପ୍ରଚାରିତ ହେବା ପରେ ଆଜି ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମ୍ବଲପୁର ଆର୍‌ଡିଙ୍କୁ ପତ୍ରଲେଖି ଅଭିଯୋଗ କରିଛନ୍ତି ଯେ ଏପରି ଅଭିଯୋଗ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ। ସେମାନଙ୍କ ଦସ୍ତଖତକୁ ଜାଲ କରାଯାଇଛି।

ବିଦ୍ୟାର୍ଥୀଙ୍କ ଏଭଳି ଅଭିଯୋଗ ପରେ ଉପରୋକ୍ତ ଅଭିଯୋଗ ଏବେ ୟୁଟର୍ଣ୍ଣ ନେବ ବୋଲି କୁହାଯାଉଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯଦି ଏହି ଅଭିଯୋଗରେ ସତ୍ୟତା ଥାଏ ତେବେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଦସ୍ତଖତକୁ ଜାଲ କଲା କିଏ ଏବଂ ଏଥିରେ କାହାର ସ୍ୱାର୍ଥ ସାଧିତ ହେବ। ଅପରପକ୍ଷେ ଅଭିଯୁକ୍ତ ଅଧ୍ୟାପକ ସୁରଥ ଗିରି ପୂର୍ବରୁ ସେପ୍ଟେମ୍ବର ୧୧ ତାରିଖରେ ମହାବିଦ୍ୟାଳୟର ବିଭିନ୍ନ ଅନିୟମିତତା ଓ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ନେଇ ୧୭ଟି ପଏଣ୍ଟ ଲେଖି ଅଧ୍ୟକ୍ଷଙ୍କ ବିରୋଧରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଅଧ୍ୟକ୍ଷ ତାଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱରୁ ବାହାର କରିଦେଇଥିଲେ। ତେବେ ଯାହା ହେଉ ଆସନ୍ତା କାଲି ଆର୍‌ଡି ଆସି ତଦନ୍ତ କଲାପରେ ସବୁ ଘଟଣାର ପର୍ଦ୍ଦାଫାସ୍ ହେବ ବୋଲି କୁହାଯାଉଛି।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ,୭।୧୧(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ସ୍ଥାନୀୟ ଲୁହୁରାଢିପା ନିକଟରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତ୍ୟୁର ସଠିକ କାରଣ ଜଣାପଡ଼ିନାହିଁ। ପୁଲିସ ଶବ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମର୍ଗ ହାଉସରେ ସଂରକ୍ଷିତ ରଖାଇଛି। ସେହିପରି ଶବ ଚିହ୍ନଟ ପାଇଁ ଉଦ୍ୟମ ଚଳାଇ ଥିବା ବେଳେ ଚିହ୍ନଟ ହୋଇ ନ ପାରିଲେ ନିୟମ ଅନୁଯାୟୀ ୯୬ ଘଣ୍ଟା ପରେ ବ୍ୟବଚ୍ଛେଦ କରାଯାଇ ନିଜ ପକ୍ଷରୁ ଅନ୍ତିମ ସଂସ୍କାର କରାଯିବ ବୋଲି ପୁଲିସ କହିଛି।

## କେବୁଲ ଚୋର ଗିରଫ

**ରାଉରକେଲା, ୭।୧୧(ସମିସ):** ସେକ୍ଟର -୧୫ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ କିଛି ଦିନରୁ କେବୁଲ ତାର ଚୋରି ହେଉଥିବା ନେଇ ଅଭିଯୋଗ ହେଉଥିଲା। ପୁଲିସ ତଦନ୍ତ ଚଳାଇ ଥିବା ବେଳେ ଥାନା ପଛ ପାଖ ବସ୍ତିରେ ଗୁରୁବାର ସନ୍ଧ୍ୟାରେ ଦୁର୍ବୃତ୍ତ ମାନେ କେବୁଲକୁ ତରଳାଇ କପର ବାହାର କରୁଥିବା ସୂଚନା ମିଳିଥିଲା। ପୁଲିସ ଟିମ୍ ଚଢଉ କରି ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଅନ୍ୟମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏହାସହ ବିଭିନ୍ନ ତାର ଜବତ କରାଯାଇଥିବା ସୂଚନା ମିଳିଛି।

## ଗଞ୍ଜେଇ ଜବତ; ୨ ଗିରଫ



**ରାଉରକେଲା, ୭।୧୧(ସମିସ):** ଗଂଜେଇ ଚୋରା ଚାଲାଣ ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୩ କିଲୋଗ୍ରାମ ୩୪୦ ଗ୍ରାମ ଓଜନର ଗଂଜେଇ ଜବତ କରିଥିବା ଜଣାପଡିଛି। ଗିରଫ ଦ୍ୱୟ ହେଉଛନ୍ତି ମେନରୋଡ ସିଂହ ବିଲ୍ଡିଂ ର ମହମ୍ମଦ ସୁହେଲ (୨୪) ଏବଂ ମହମ୍ମଦ ଆକବର(୫୭)।

ଅଙ୍ଗନବାଡ଼ି କର୍ମୀଙ୍କୁ ହତ୍ୟା ଘଟଣା

# ଜଙ୍ଗଲରୁ ଧରାହେଲା ଅଭିଯୁକ୍ତ

**ସୁନ୍ଦରଗଡ଼/ହେମଗିରି, ୭।୧୧(ସମିସ):** ହେମଗିରି ଥାନା ଅନ୍ତର୍ଗତ ପୂର୍ଣ୍ଣା ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଦିବ୍ୟାଭାରତୀ ଅଡାଙ୍କୁ ବିଚ ରାସ୍ତାରେ ଟାଙ୍ଗିଆରେ ହାଣି ହତ୍ୟା ମାମଲାରେ ପୁଲିସ ଅଭିଯୁକ୍ତ ଶରତ କଉଡ଼ିକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସୁନ୍ଦରଗଡ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଶରତଙ୍କୁ ସ୍ଥାନୀୟ ଜଙ୍ଗଲରୁ ଗିରଫ କରା ଯିବା ପରେ ରକ୍ତ ଛିଟା ଲାଗିଥିବା ତା'ର ପୋଷାକ ଜବତ କରା ଯାଇଛି। ସେହିପରି ପୁଲିସ ଘଟଣାସ୍ଥଳର ପ୍ରାୟ ୩୦ ମିଟର ଦୂରରୁ ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତ ଲଗା ଫାର୍ସା ମଧ୍ୟ ଜବତ କରିଛି। ଅଙ୍ଗନବାଡି କର୍ମୀ



ଜଣକ କେନ୍ଦ୍ରର ଜଣ ଶିଶୁକୁ ତାଙ୍କ ଘରକୁ ଛାଡ଼ିବାକୁ ଯାଉଥିବା ବେଳେ ଅଭିଯୁକ୍ତ ତାଙ୍କ ବେକକୁ ଫାର୍ସାରେ ଛୋଟ ପକାଇଥିଲା। ଏକ ତରଫା ପ୍ରେମକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଦିବ୍ୟାଭାରତୀଙ୍କ ମା' ସଂଯୁକ୍ତା ଅଡାଙ୍କ ଏତଲା କ୍ରମେ ଏ ନେଇ ହତ୍ୟା ମାମଲା ରୁଜୁ ହୋଇଛି। ସୁନ୍ଦରଗଡ ପୁଲିସ ଜିଲ୍ଲାରେ ଏକାଧିକ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ବିଫଳ ହୋଇଥିବା ବେଳେ ଏହି ହତ୍ୟାକାଣ୍ଡରେ ପୁଲିସ ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ କରିବାରେ ସକ୍ଷମ ହେବା ଆଶ୍ୱସ୍ତକର ବିଷୟ ହୋଇଛି। ଅପରପକ୍ଷରେ, ଗୋଡ଼ ଭାଙ୍ଗି ଯିବା କାରଣରୁ ଶଯ୍ୟାଶାୟୀ ଥିବା ଦିବ୍ୟା ଭାରତୀଙ୍କ ବାପା ଝିଅର ମୃତ୍ୟୁ ପରେ ଭାଙ୍ଗି ପଡିଛନ୍ତି। ପୁଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରା ଯାଇଛି।

# ସାମ୍ବାଦିକଙ୍କ ଗିରଫଦାରିର ପ୍ରତିବାଦ



**ରାଉରକେଲା,୭।୧୧(ସମିସ):** ସୁବର୍ଣ୍ଣପୁର ସାମ୍ବାଦିକଙ୍କୁ ପୁଲିସ ଗିରଫ କରିବା ଘଟଣାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ଜାରି ରହିଛି। ଏହି କ୍ରମରେ ଗୁରୁବାର ରାଉରକେଲା ଜିଲ୍ଲା ସାମ୍ବାଦିକ ୟୁନିଅନ ପ୍ରତିବାଦ କରି ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଏହି ସ୍ମାରକପତ୍ର ଗ୍ରହଣ କରିଥିଲେ। ସୁବର୍ଣ୍ଣପୁର ନ୍ୟୁଜ ସେଭେନ୍ ସାମ୍ବାଦିକ ଧୀରେନ୍ଦ୍ର ଦାନୀ କିଛି ଖବର ସଂଗ୍ରହ କରିବା ପାଇଁ ସୁବର୍ଣ୍ଣପୁର ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ତାଙ୍କୁ ସହଯୋଗ କରିବା ପରିବର୍ତ୍ତେ ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ ଆକ୍ରମଣ କରିଥିଲେ। ଅନ୍ୟ ଏକ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି ଯେ ବିଡିଓକୁ ରକ୍ଷା କରିବା ପାଇଁ ସୁବର୍ଣ୍ଣପୁର ପୁଲିସ ମଧ୍ୟରାତ୍ରିରେ ସାମ୍ବାଦିକଙ୍କୁ ଗିରଫ କରିଥିଲା। କିନ୍ତୁ ଏପର୍ଯ୍ୟନ୍ତ ପ୍ରକୃତ ଦୋଷୀ ଅର୍ଥାତ୍ ବିଡିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଡିଓ ଏବଂ ପୁଲିସର କାର୍ଯ୍ୟକଳାପ କେବଳ ସାମ୍ବାଦିକ ସ୍ୱାଧୀନତା ଉପରେ ଆକ୍ରମଣ ନୁହେଁ ବରଂ ସରକାରୀ କାର୍ଯ୍ୟକାରିତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସୁବର୍ଣ୍ଣପୁର ବିଡିଓଙ୍କୁ ଶୀଘ୍ର ଗିରଫ କରାଯାଉ ବୋଲି ଦାବି ହୋଇଛି। ସେହିପରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ ଅବମାନନା କରିବା ଏବଂ କାର୍ଯ୍ୟରତ ସାମ୍ବାଦିକଙ୍କୁ ରାତି ଅଧରେ ଗିରଫ କରିଥିବାରୁ ସୁବର୍ଣ୍ଣପୁର ଇନ୍ସପେକ୍ଟର, ଏସଡିପିଓ ଏବଂ ଏସ୍‌ପିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଓଡ଼ିଶାର ସାମ୍ବାଦିକମାନଙ୍କୁ ସୁରକ୍ଷା ଦେବା ଏବଂ ସାମ୍ବାଦିକ ମାନଙ୍କୁ ସୁରକ୍ଷା ଦାବି କରାଯାଇଛି।

● ବିସିସିଆଇ କୋଲ୍ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ୍ ପାଇଁ ପ୍ରସ୍ତୁତି

# ସୁନ୍ଦରଗଡ଼ରେ ପ୍ରଥମଥର ହେବ ଜାତୀୟ ପ୍ରତିଯୋଗିତା



**ସୁନ୍ଦରଗଡ଼,୭।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଓ ଓଡ଼ିଶା କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ବିସିସିଆଇ କୋଲ୍ ସିକେ ନାଇଡୁ ଟ୍ରଫି ୨୩ ବର୍ଷ ରୁ କମ ଜାତୀୟ କ୍ରିକେଟ ମ୍ୟାଚ୍ ଆସନ୍ତା ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଓ ତ୍ରିପୁରା ମଧ୍ୟରେ ମ୍ୟାଚ୍ ହେବ। ଏହି ମ୍ୟାଚ୍ ଆୟୋଜନ ନିମନ୍ତେ ସୁନ୍ଦରଗଡ଼ କ୍ରୀଡା ସଂସଦରେ ଟୁର୍ଣ୍ଣାମେଣ୍ଟ କମିଟିର ଅଧ୍ୟକ୍ଷ ମେରୀ ଜନ ବାଗେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ବିଶଦ ଭାବେ ସମସ୍ତଙ୍କୁ ମ୍ୟାଚ୍ ବିଷୟରେ ଅବଗତ କରାଇଥିଲେ। ଏହି ମ୍ୟାଚ୍ ପାଇଁ ଗତ ମାସରେ ବିସିସି ଆଇର ପର୍ଯ୍ୟବେକ୍ଷକ ଆସି ଷ୍ଟାଡିୟମ ପିଚ୍, ଡ୍ରେସିଂ ରୁମ୍ ଆଦି ନିରୀକ୍ଷଣ କରି ମ୍ୟାଚ୍ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ତ୍ରିପୁରା ଦଳ ଝାରସୁଗୁଡ଼ା ଏବଂ ଓଡ଼ିଶା ଦଳ ସୁନ୍ଦରଗଡ଼ର ଘରୋଇ ହୋଟେଲରେ ରହିବାର ସୁବ୍ୟବସ୍ଥା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ସଂସଦର ସହ ସମ୍ପାଦକ ଜୟଦେବ ପାତ୍ର, ଉପ ସଭାପତି ପୌଷ ଚନ୍ଦ୍ର ପଟେଲ ଓ ବିମଳ ବୋଷ, କ୍ରିକେଟ ସମ୍ପାଦକ ଶିଶିର କୁମାର ପଟେଲ, ଅନିଲ ବହିଦାର, ଆଶିଷ ଦେ, ପ୍ରଶାନ୍ତ ପଟେଲ, ପ୍ରସାଦ ନାଏକ, ନିତ୍ୟ କୁମାର ବଳ, ସୁରଜ ଭୈଷାଲ, ରୋମାଂଚ ଭୈଷାଲ ପ୍ରମୁଖ ସଭ୍ୟ ଉପସ୍ଥିତ ରହି ମ୍ୟାଚ୍ ର ସୁଆୟୋଜନ କରିବା ପାଇଁ ବିଚାର ବିମର୍ଶ କରିଥିଲେ। ସୁନ୍ଦରଗଡ଼ ଷ୍ଟାଡିୟମରେ ଜାତୀୟ କ୍ରିକେଟ ମ୍ୟାଚ୍ କରିବା ପାଇଁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରତିଶ୍ରୁତି ପୂରଣ କରିଥିବାରୁ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରା ଯାଇଥିଲା।

## ମଦ ଓ ମହୁଲ ପୋଚ ଜବତ

**ରାଉରକେଲା,୭।୧୧(ସମିସ):** ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ଓଡ଼ିଶା ଓ ଝାଡ଼ଖଣ୍ଡର ମିଳିତ ଚଢ଼ଉ କରାଯାଇ ୩୫ ଲକ୍ଷ ଟଙ୍କାର ମଦ ଓ ମହୁଲ ପୋଚ ଜବତ କରାଯାଇଛି। ରାଉରକେଲା, ବୀରମିତ୍ରପୁର ଓ କୋଇଡ଼ା ଅଞ୍ଚଳରେ ଅବକାରୀ, ପୁଲିସ, ଝାଡଖଣ୍ଡ ଅବକାରୀ ବିଭାଗ, ସମ୍ବଲପୁର ଇଆଇ ଏଣ୍ଡ ବି ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇ ୨୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ମଦ ଓ ମହୁଲ ପୋଚ ନଷ୍ଟ କରାଯାଇଛି। ଏହି



ଚଢ଼ଉ ସମୟରେ ୩୫ ହଜାର ଲିଟର ମହୁଲ ପୋଚ ଓ ୧୦୦୦ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରାଯାଇ ନଷ୍ଟ କରାଯାଇଥିବା ରାଉରକେଲା ଅବକାରୀ ଅଧୀକ୍ଷକ ସେକ ଆଶଫ ଅଲ୍ଲୀ ସୂଚନା ଦେଇଛନ୍ତି। ଏହି ଘଟଣାରେ ୧୯ଟି ମୋକଦ୍ଦମା ରୁଜୁ କରାଯିବା ସହ ୪ ଜଣ ମହିଳା ସମେତ ୮ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ମୃତ ଯୁବକଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ

**ସୁନ୍ଦରଗଡ଼,୭ ।୧୧(ସମିସ):** ସୁନ୍ଦରଗଡ଼ ସଦର ଥାନା ରଙ୍ଗିଆମୁଣ୍ଡା ଗ୍ରାମର ଜଣେ ଯୁବକଙ୍କ ଅକାଳ ବିୟୋଗ ଘଟିଛି। ଗ୍ରାମର ଦୁବରାଜ ପୃଷେଠ୍‌ଙ୍କ ପୁଅ ଚୁମନ ପୃଷେଠ୍ (୩୧) ବୁଧବାର ହଠାତ ସଜ୍ଞାହୀନ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା



ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ଗୁରୁବାର ପୁଲିସ ଶବ ବ୍ୟବଚ୍ଛେଦ କରାଇ ଥିଲା। ତେବେ ଜୀବିତାବସ୍ଥାରେ ଚୁମନଙ୍କ ଚକ୍ଷୁଦାନ କରିବା ପାଇଁ ଇଚ୍ଛା ଥିବାରୁ ତାଙ୍କ ପରିବାର ଲୋକେ ପୁଅର ଇଚ୍ଛା ପୂରଣ କରିବାକୁ ଯାଇ ସ୍ଥାନୀୟ ଚକ୍ଷୁ ବ୍ୟାଙ୍କ ଅଧିକାରୀଙ୍କୁ ଜଣାଇ ଥିଲେ। ଏହା ପରେ ଡାକ୍ତରମାନେ ଚକ୍ଷୁଦାନ ପ୍ରକ୍ରିୟା ଆରମ୍ଭ କରି ଏହା ସଂଗ୍ରହ କରିଛନ୍ତି। ମୃତ୍ୟୁ ପରେ ବି ଚୁମନଙ୍କ ଆଖିରେ ଆଉ କେହି ଦୁନିଆ ଦେଖିବେ ବୋଲି ଚୁମନଙ୍କ ପରିବାର ଲୋକେ କହିଛନ୍ତି।

● ୭୩ ତମ ଗୋ ସମ୍ବର୍ଦ୍ଧନା ଉତ୍ସବ

## 'ଗୋ ସମ୍ପଦର ବିକାଶ ରାଜ୍ୟ ପ୍ରଗତିରେ ସହାୟ ହେବ'

**ସୁନ୍ଦରଗଡ଼,୭।୧୧(ସମିସ):** ଗୋ ମାତା ଆମ ଦେଶର ସଭ୍ୟତା ଓ ସଂସ୍କୃତି ସହିତ ନିବିଡ଼ ଭାବରେ ଜଡ଼ିତ। ମା' କ୍ଷୀର ପରେ ଗୋରସ ଏକ ପରିପୂର୍ଣ୍ଣ ଖାଦ୍ୟ। ଏହା ଶିଶୁ ଓ ଗର୍ଭବତୀ ମହିଳାଙ୍କ ପାଇଁ ଉପାଦେୟ। ଗୋ ସମ୍ପଦ ଚାଷୀଙ୍କ ଆର୍ଥିକ ଏବଂ ସାମାଜିକ ଜୀବନର ଏକ ସୁଦୃଢ଼ ମେରୁଦଣ୍ଡ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଗୋ ମାତା ଦ୍ୱିତୀୟ ମାତା ଭାବେ ଆମକୁ ଗୋରସ ଦେଇ ପ୍ରତିପାଳିତ କରିଥାଏ।

କୃଷିର ଉନ୍ନତି, ଗୋ ସମ୍ପଦର ବିକାଶ ରାଜ୍ୟର ପ୍ରଗତିରେ ସହାୟକ ହୁଏ ବୋଲି ଗୁରୁବାର ସ୍ଥାନୀୟ ମୋ ପ୍ରଜନନ ଓ ବୃଷଭ ଜନନୀ କେନ୍ଦ୍ର ଠାରେ ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ୭୩ ତମ ଗୋ ସମ୍ବର୍ଦ୍ଧନା ଉତ୍ସବରେ ମତପ୍ରକାଶ ପାଇଛି। ଉକ୍ତ ସମାରୋହରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୋ ସମ୍ପଦର ମହାତ୍ମ୍ୟ ଉପରେ ଆଲୋଚନା କରିବା ସହ ଖୁବ୍ ଶୀଘ୍ର ଜିଲ୍ଲାରେ ଓମଫେଡ ତରଫରୁ ଏକ ଦୁଗ୍ଧ ଉନ୍ନୟନ ପ୍ରତିଷ୍ଠା ହେବ ବୋଲି ସୂଚନା ଦେଇଥିଲେ। ଡା. ବସନ୍ତ ଧଳ ଚାଷୀ ମାନଙ୍କୁ ଗୋ ମାତା ଦୁଗ୍ଧ ଉତ୍ପାଦନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା କୃଷି ବଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଆଧୁନିକ ପ୍ରଣାଳୀରେ ଗୋ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ସାହୁ ପ୍ରଥମେ ଗୋ ପୂଜନ କରି ଥିଲେ।

ଡ଼ା ଲିପିକା ପ୍ରିୟଦର୍ଶନୀ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଉମାକାନ୍ତ ସାହୁ ସ୍ୱାଗତ ଅଭିଭାଷଣ ଓ ଡା. ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ସୁନ୍ଦରଗଡର ଅନେକ ଚାଷୀ ଭାଇ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ବିସ୍ଥାପିତ ମହିଳାଙ୍କ ବିକ୍ଷୋଭ; ଖଣି ବନ୍ଦ ଚେତାବନୀ

**ହେମଗିରି,୭।୧୧(ସମିସ):** ହେମଗିରି ବ୍ଲକ୍ ଏନ୍‌ଟିପିସି ଡୁଲିଙ୍ଗା ଏବଂ ଓସିପିଏଲ୍ ମନୋହରପୁର କୋଇଲା ଖଣି ଦ୍ୱାରା ବିସ୍ଥାପିତ ମହିଳାଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ତେଣୁ ଗୁରୁବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏହି ମହିଳାମାନେ ଏକତ୍ରିତ ହୋଇ ପ୍ରଶାସନ ଏବଂ କମ୍ପାନୀର ବୈମାତୃକ ନୀତି ବିରୋଧରେ ଗର୍ଜିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସାତ ଦିନ ମଧ୍ୟରେ ଯଦି କୌଣସି ପଦକ୍ଷେପ ନିଆନଯିବ, ତେବେ ସମସ୍ତ ଏସ୍‌ଟି ଏସ୍‌ସି ମହିଳାଙ୍କ ପ୍ରତି ପ୍ରତାରଣା ହେଉଥିବାରୁ ଏଟ୍ରୋସିଟୀ ଆକ୍ଟରେ କେସ ଦାୟର କରିବା ସହ ଖଣି ଖାଦାନ ସମ୍ପୂର୍ଣ ବନ୍ଦ କରିବା ଏବଂ ଆଇନ ଶୃଙ୍ଖଳା ହାତକୁ ନେବା ପରି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଏକ ପତ୍ର ହେମଗିରି ଅତିରିକ୍ତ ତହସିଲଦାର ପ୍ରତାପ ଦାସଙ୍କୁ ସେମାନେ ପ୍ରଦାନ କରିଥିଲେ। ବିସ୍ଥାପିତ ନେତା ଡ. ହିମାଂଶୁ ଷଡ଼ଙ୍ଗୀ ଓ ସୁନିଲ ମହାନନ୍ଦଙ୍କ ନେତୃତ୍ୱରେ ଦିଲେଶ୍ୱରୀ ଭୋଇ, ସୌଦାମିନୀ ଭୋଇ, ଅର୍ଚ୍ଚିତା ଭୋଇଙ୍କ ସହ ବହୁ ସଂଖ୍ୟାରେ ମହିଳା ଭିକ୍ଷୋଭ ପ୍ରଦର୍ଶନ କରିଥିଲେ।



## ଚୋରି ବାଇକ୍ ସହ ଧରାପଡ଼ିଲେ ଅଭିଯୁକ୍ତ

**ସୁନ୍ଦରଗଡ,୭।୧୧(ସମିସ):** ଧରୁଆଡିହି ଥାନା ଲମଟି ଗ୍ରାମରୁ ଚୋରି ପଲସର ବାଇକ୍ (ଓଡ଼୧୫ଏଫ୍-୧୬୬୦)କୁ ପୁଲିସ ବଡଗାଁ ଥାନା ଅଞ୍ଚଳରୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ କାପୁଟିକ୍ରା ଗ୍ରାମର ସୁରଜ ଖଡିଆ (୧୯) ଉକ୍ତ ବାଇକ୍‌ର ନମ୍ବର ପ୍ଲେଟ



ବଦଳାଇ ବୁଲୁଥିଲା। ତେବେ ଗାଡ଼ି ମାଲିକଙ୍କ ସନ୍ଦେହ ହେବାରୁ ଚେସିସ୍ ନମ୍ବର ଯାଞ୍ଚ କରି ଏହା ତାଙ୍କ ଗାଡ଼ି ବୋଲି ଚିହ୍ନଟ କରିଥିଲେ। ପୁଲିସ ଅଭିଯୁକ୍ତଙ୍କ ପିଛା କରି ବଡ଼ଗାଁ ଥାନା ରାଏଡିହି ଠାରୁ ଏହି ଚୋରି ବାଇକ୍‌କୁ ଜବତ କରିବା ସହ ଅଭିଯୁକ୍ତ ସୁରଜଙ୍କୁ ଗିରଫ କରିଥିଲା। ସୁରଜଙ୍କ ସୂଚନା ଆଧାରରେ ପୁଲିସ ତାଙ୍କ ଗ୍ରାମର ରୋହିତ ମହାନନ୍ଦ ଓ ଅନ୍ୟ ଜଣେ ନାବାଳକଙ୍କୁ ଧରିଥିଲା। ଗୁରୁବାର ଏହି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରା ଯାଇଛି। ମାତ୍ର ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସୁନ୍ଦରଗଡ଼ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ନାବାଳକଙ୍କୁ ସ୍ଥାନୀୟ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଥିବା ବେଳେ ତାଙ୍କର ମଧ୍ୟ ଜାମିନ ନାକଚ ହେବା ପରେ ତାଙ୍କୁ ରାଉରକେଲା ବାଳ ସୁଧାର ଗୃହକୁ ଯିବାକୁ ପଡ଼ିଛି। ଗତ ୧ ତାରିଖରେ ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଲଡିହି ଗ୍ରାମର ସରୋଜ ବାଗ ତାଙ୍କ ବାଇକରେ ଲମଟି ଗ୍ରାମକୁ କୃଷ୍ଣଗୁରୁ ଦେଖିବାକୁ ଆସିଥିବା ବେଳେ ଅଭିଯୁକ୍ତ ମାନେ ତାଙ୍କ ବାଇକକୁ ଚୋରାଇ ନେଇଥିଲେ। ଏ ନେଇ ସେ ଥାନାରେ ଏତଲା ଦେବା ପରେ ଆଇଆଇସି ସଂଯୁକ୍ତା ସାହୁ ମାମଲା ରୁଜୁ କରି ଛାନଭିନ ଚଳାଇ ଥିଲେ।

# ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ

**ସୁନ୍ଦରଗଡ,୭।୧୧(ସମିସ)**

କୃଷି ବିଜ୍ଞାନ କେନ୍ଦ୍ରର ୨୧ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ଅଧ୍ୟକ୍ଷ ଡଃ ପ୍ରସନ୍ନଜିତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେହିପରି ଯୁଗ୍ମ-ନିର୍ଦ୍ଦେଶକ(ସମ୍ପ୍ରସାରଣ) ଡଃ ଅମରେଶ ଖୁଣ୍ଟିଆଙ୍କ ସଂଯୋଜନା କରିଥିଲେ। ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ପ୍ରଧାନ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିବା ସହିତ ଆଗାମୀ ବର୍ଷର କାର୍ଯ୍ୟକ୍ରମର ଖସଡ଼ା ଉପସ୍ଥାପନା କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ-ଆଟାରି, କୋଲକତାର ପ୍ରମୁଖ ବୈଜ୍ଞାନିକ ଡଃ ଅଭିଜିତ୍ ହାଲଦାର, ଚିପିଲିମାସ୍ଥିତ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡଃ ସଂଯୁକ୍ତା ମହାପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହରିହର ନାୟକ, ଉପ-ଉଦ୍ୟାନ କୃଷି ନିର୍ଦ୍ଦେଶକ, ଉଦ୍ୟାନ କୃଷି ସୁକାନ୍ତ କୁମାର ନାଏକ, ଅତିରିକ୍ତ ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀ, ଡା ବସନ୍ତ କୁମାର ବେହେରା, ଜିଲ୍ଲା ପରିଚାଳକ ଓଡିଶା କୃଷି ଶିଳ୍ପ ନିଗମ ସୁବୋଧ ତନୟା ପାଣିଗ୍ରାହୀ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଅଧିକାରୀ ଆନନ୍ଦ କୁମାର ପଟେଲ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକରୀ ତୁଳେଶ୍ୱରୀ ପଟେଲ, ସହକାରୀ ମତ୍ସ୍ୟ ଅଧିକାରୀ ଗଣେଶ ଚନ୍ଦ୍ର ନାୟକ, ଆଞ୍ଚଳିକ କୃଷି ଗବେଷଣା ଉପ-କେନ୍ଦ୍ର, କିରେଇର ବରିଷ୍ଠ ବୈଜ୍ଞାନିକ ଡଃ ସଂଜୀବ ବିଶ୍ୱାସୀ, କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ାର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ସମୀର ରଞ୍ଜନ ଦାସ, ରାଉରକେଲାର ଡଃ ଜୟନ୍ତ କୁମାର ପତି, ଦେବଗଡ଼ର ଡଃ. ମାନସୀ ଭୋଳ, ବୈଜ୍ଞାନିକ ଡଃ କ୍ଷୀରୋଦ କୁମାର ବିଶ୍ୱାଳ, ସଞ୍ଜୟ କୁମାର ପ୍ରଧାନଙ୍କ ସମେତ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ, ଆମନ୍ତ୍ରିତ ଅଗ୍ରଣୀ ଚାଷୀ ଓ ଏନ୍‌ଜିଓ (ସିଆଇଆରଟିଡି),




କୃଷକ ଉତ୍ପାଦକ ସଙ୍ଗଠନ ଛେଦଲଗାନର ଗଙ୍ଗାଧର କିଶାନ, ଜନବିକାଶର ରାଜୀବ କୁଲୁ ପ୍ରମୁଖ ଯୋଗଦେଇଥିଲେ। ମୃତ୍ତିକା ବୈଜ୍ଞାନିକ ଡ ମନୋଜ କୁମାର ଜେନା, କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ, ଉଦ୍ୟାନକୃଷି ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, କ୍ଷେତ୍ର ବିଜ୍ଞାନୀ ଡଃ. ଦ୍ୱିବେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସିପିଆଇଏମ୍ ପକ୍ଷରୁ ସ୍ମାରକୀ ଦିବସ ପାଳିତ

**ରାଉରକେଲା, ୭।୧୧(ସମିସ):** ସିପିଆଇଏମ୍, ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଆଜି ମହାନ୍ ନଭେମ୍ବର ବିପ୍ଳବର ୧୦୭ ତମ ସ୍ମାରକୀ ଦିବସ ପାର୍ଟିର ଜିଲ୍ଲା କାର୍ଯ୍ୟାଳୟ ଶକ୍ତିନଗର ସ୍ଥିତ ଏକେଜି ଭବନ ଠାରେ ପାଳିତ ହୋଇଯାଇଛି। ପାର୍ଟିର ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି ଏହି ଦିବସରେ ଶ୍ରମିକ ଶ୍ରେଣୀର ଲାଲ୍ ପତାକା ଉତ୍ତୋଳନ କରିଥିଲେ। ପରେ ସିପିଆଇଏମ୍ ରାଉରକେଲା ଅଂଚଳିକ କମିଟି ସଂପାଦକ ରାଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମାରକୀ ସଭାରେ ପାର୍ଟିର ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା ମହାନ୍ ଅକ୍ଟୋବର ବିପ୍ଳବର ସ୍ମୃତି ଚାରଣ କରି କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ଜିଲ୍ଲା କମିଟି ସଦସ୍ୟ ବସନ୍ତ ନାୟକ, ଅଂଚଳିକ କମିଟି ସଂପାଦକ ମଣ୍ଡଳୀ ସଦସ୍ୟ, ବିଶ୍?ଜିତ ମାଝୀ, ଚନ୍ଦ୍ରଭାନୁ ଦାସ ଏଲ୍ ସି ସଦସ୍ୟ ଏନ୍ ଏନ୍ ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ବସନ୍ତ ପାଢ଼ୀ, ପ୍ରମୋଦ ପରିଡ଼ା, ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଇସି ମେମ୍ବର ପରିବର୍ତ୍ତନ ପାଇଁ ଦାବିପତ୍ର

**ବାଲିଶଙ୍କରା,୭।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ୍ ଶାଗବାହାଲ ପଞ୍ଚାୟତର ସମସ୍ତ ୧୧୯ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ପଞ୍ଚାୟତରେ ଥିବା ସମସ୍ତ ଇସି ମେମ୍ବରଙ୍କୁ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି। ଏ ନେଇ ଏକ ଅଭିଯୋଗପତ୍ର ବିଡିଓଙ୍କ ଅନୁପସ୍ଥିତିରେ ସେମାନେ ବ୍ଲକ୍ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆଙ୍କୁ ପ୍ରଦାନ କରିଛନ୍ତି। ଗ୍ରୁପ ସଦସ୍ୟାଙ୍କ ଅଭିଯୋଗ ଅନୁଯାୟୀ ୫ ବର୍ଷ ତାଙ୍କ କାର୍ଯ୍ୟକାଳ ସରିଯାଇଥିଲେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି। ତେଣୁ ଇସି ମେମ୍ବରଙ୍କୁ ପରିବର୍ତ୍ତନ କରି ନୂତନ ଇସି ମେମ୍ବର ଗ୍ରହଣ କରାଯାଉ। ତେବେ ବ୍ଲକ୍ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଦାବିପତ୍ର ଗ୍ରହଣ କରି ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ବ୍ଲକ୍ ଛକ ଟ୍ରାଫିକ୍ ଲାଇଟ୍ ଅଚଳ

ସୋନପୁର,୭ ।୧୧(ସମିସ): ସୋନପୁରର ବ୍ୟସ୍ତବହୁଳ ବ୍ଲକ୍ ଛକର ଟ୍ରାଫିକ୍ ଲାଇଟ୍ ଅଚଳ ହୋଇ ପଡିଛି । ଟ୍ରାଫିକ୍ ସିଗନାଲ ଲାଇଟ୍ ଅଚଳ



ହୋଇ ଯାଇଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଯୋଗୁଁ କେତେବେଳେ ଦୁର୍ଘଟଣା ଘଟିବ କହିହେବ ନାହିଁ । ପୂର୍ବରୁ ଏହି ଛକରେ ବଡ ବଡ ଦୁର୍ଘଟଣା ଘଟି ସାରିଛି । ବ୍ଲକ୍ ଛକରେ ସକାଳ ୮ଟାରୁ ୧୨ଟା ଯାଏଁ ଏବଂ ସନ୍ଧ୍ୟା ୫ଟାରୁ ୮ଟା ଯାଏଁ ଟ୍ରାଫିକ୍ ପୁଲିସ୍ ଡ୍ୟୁଟି କରନ୍ତି । ତେବେ ଅନ୍ୟ ସମୟରେ ଭଗବାନ ଭରସାରେ ଲୋକେ ଯାତାୟତ କରୁଛନ୍ତି । ଡ୍ୟୁଟିରେ ଥିବା ଟ୍ରାଫିକ୍ ପୁଲିସମାନଙ୍କୁ ମଧ୍ୟ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି । ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଲା ପ୍ରଥମ ଦିନରେ କେବଳ ଲାଲ ଲାଇଟ୍ ଜଳିବାରୁ ଲୋକେ ଦ୍ୱନ୍ଦ୍ୱରେ ପଡି ଯାଇଥିଲେ । ତେବେ ବ୍ଲକ୍ ଛକର ଟ୍ରାଫିକ ସିଗନାଲ ଲାଇଟ୍ ଶୀଘ୍ର ସଜାଡିବା ପାଇଁ ସାଧାରଣରେ ଦାବି ହେଉଛି ।

## ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

ତରଭା,୭ ।୧୧(ସମିସ): ତରଭା ବ୍ଲକ୍ ପଛପଟେ ଯାଇଥିବା ବାଇପାସ ରାସ୍ତାର କୃଷି କାର୍ଯ୍ୟାଳୟ ନିକଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି । ଟ୍ରାନ୍ସଫର୍ମର ନିକଟରେ ଅନାବନା ଗଛ ଭର୍ତ୍ତି ହୋଇ



ରହିଛି । ବିଭାଗୀୟ ଅଧିକାରୀ ଓ କର୍ମଚାରୀଦେଖୁଥିଲେ ମଧ୍ୟ ପ୍ରତିକାର କରୁନାହାନ୍ତି ।ଉପଭୋକ୍ତା ମାନଙ୍କ ଠାରୁ କୋଟି କୋଟି ଟଙ୍କାର ବିଦ୍ୟୁତ୍ ବିଲ ଆଦାୟ କରାଯାଉଛି ଅଥଚ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ଟିଏ ଦିଆଯାଉନାହିଁ ।ରାସ୍ତା ପାଶ୍ୱର୍ରେ ମୁକୁଳା ଟ୍ରାନ୍ସଫର୍ମର ଥିବାରୁ ଗାଇ ଗୋରୁ ଅବାଧରେ ଚଳ ପ୍ରଚଳ ହେଉଛନ୍ତି କେତେବେଳେ ଅଘଟଣ ଘଟିବ କହିହେଉନି । ମୁକୁଳା ଟ୍ରାନ୍ସଫର୍ମର ବିପଦ ଡାକୁଥିବାରୁ ବିଭାଗୀୟଅଧିକାରୀ ଶୀଘ୍ର ସୁରକ୍ଷା ବାଡ ଦେବା ପାଇଁ ଜନସାଧାରଣରେ ଦାବି ହେଉଛି ।

### ବିଜୁ ଜନତା ଦଳର ବିଶାଳ ଜନସମ୍ପର୍କ ପଦଯାତ୍ରା

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

ବୌଦ୍ଧ, ୭ ।୧୧(ସମିସ)




ବୌଦ୍ଧ ଜିଲ୍ଲା ବିଜେଡ଼ି ତରଫରୁ ଗୁରୁବାର ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଣ୍ଟାମାଳ ବିଧାନସଭା କ୍ଷେତ୍ର ଅଧୀନ ସହଜପାଲଠାରୁ ବିଜୁଜନତା ଦଳର ଏହି ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା । ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡ଼ି ନେତା ପ୍ରଦୀପ କୁମାର ଅମାତଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରାରେ ଶହ ଶହ ବିଜେଡି କର୍ମୀ ଏକତ୍ର ହୋଇ ୨୦ କିଲୋମିଟର ପଥ ଅତିକ୍ରମ କରି ବୌଦ୍ଧର ମର୍ଜାକୁଦ ବ୍ରିଜ ଛକଠାରେ ପହଞ୍ଚିଥିଲେ । ମର୍ଜାକୁଦ ବ୍ରିଜ ଛକରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା ।

ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ଉପସ୍ଥିତ ବିଜେଡି ନେତୃବୃନ୍ଦ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ରାଜ୍ୟ ସରକାର ନାରୀମାନଙ୍କୁ ମିଛ ପ୍ରତିଶ୍ରୁତି ଦେଇ ନିର୍ବାଚନୀ ବୈତରଣୀ ପାର ହେବା ସହ କ୍ଷମତାକୁ ଆସିଲା ପରେ ମହିଳାମାନଙ୍କୁ ସୁଭଦ୍ରା ଯୋଜନା ନାମରେ ପ୍ରତିଶ୍ରୁତି ମୁତାବକ ୫୦ ହଜାର ଟଙ୍କା ବଦଳରେ ୫ ହଜାର ଟଙ୍କା ଦେଇ ଠକି ଦେଇଛନ୍ତି ବୋଲି ବିଜେଡି ନେତୃବୃନ୍ଦ ପ୍ରକାଶ କରିଥିଲେ । ସେହିପରି ୩ ହଜାର ଟଙ୍କା ଭତ୍ତା, ମାଗଣାରେ ୩୦୦ ୟୁନିଟ ବିଜୁଳି ଦେବାକୁ ସରକାର ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇଥିବାରୁ ଭର୍ତ୍ସନା କରାଯାଇଛି । ଏହାସହ ବିଏସକେୱାଇ ବନ୍ଦ କରିବା, ଏପର୍ଯ୍ୟନ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୋଷାକ ନ ମିଳିବା, ୪ ମାସ ହେଲାଣି ବ୍ଲକଗୁଡ଼ିକୁ କୌଣସି ଅନୁଦାନ ନ ଆସିବା ଏବଂ ସରକାରଙ୍କ ରଙ୍ଗ ବଦଳ କାର୍ଯ୍ୟକ୍ରମକୁ ମଧ୍ୟ ତୀବ୍ର ନିନ୍ଦା କରାଯାଇଥିଲା । ଓଡିଶାବାସୀଙ୍କ ହୃଦୟରେ ନବୀନ ଅଛନ୍ତି । ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରକାରଙ୍କ ମିଛ ପ୍ରତିଶ୍ରୁତିର ଠିକଣା ଜବାବ ସାଧାରଣ ଜନତା ଦେବେ ବୋଲି ଉପସ୍ଥିତ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ କଣ୍ଟାମାଳ ବିଧାୟକ ମହୀଧର ରଣା, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଚିତ୍ତ କର୍ଣ୍ଣଙ୍କ ସମେତ ବହୁତ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

**ନାରୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ବିଜେପି ନିର୍ବାଚନ ବୈତରଣୀ ପାର୍ ହୋଇଛି**

**କ୍ଷମତାକୁ ଆସିଲେ ମହିଳାଙ୍କୁ ୫୦ ହଜାର ଟଙ୍କା ଦେବ ବୋଲି କହିଥିଲା**

**ସୁଭଦ୍ରା ଯୋଜନାରେ ୫ ହଜାର ଟଙ୍କା ଦେଇ ଠକି ଦେଇଛି**

**୩ ହଜାର ଟଙ୍କା ଭତ୍ତା, ମାଗଣାରେ ୩୦୦ ୟୁନିଟ୍ ବିଜୁଳି ଦେବାକୁ ମିଛ ପ୍ରତିଶ୍ରୁତି ଦେଇଥିଲା**

## ସଦସ୍ୟତା ଅଭିଯାନ ଓ ସଂଗ୍ରଠନ ପର୍ବ

ଶଗଡା, ୭ ।୧୧(ସମିସ): କଣ୍ଟାମାଳ ନିର୍ବାଚନମଣ୍ଡଳୀ ଘଣ୍ଟାପଡା ମଣ୍ଡଳ ବରଗାଁ ଶକ୍ତି କେନ୍ଦ୍ର ଅଧୀନ ଘୁଟାଙ୍ଗୀରେ ବିଜେପିର ସଂଗଠନ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଦସ୍ୟତା ଓ ସଂଗଠନକୁ ମଜଭୁତ କରିବା ସହ ବରଗାଁ ପଞ୍ଚାୟତର ପାଣି ସମସ୍ୟା, ରାସ୍ତା ଘାଟ, ବିଜୁଳି ଓ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା ହୋଇଥିଲା । ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଯୁବ ନେତା ଓମ୍ ପ୍ରକାଶ ମିଶ୍ର, ଜିଲ୍ଲା ଉପସଭାପତି ଚିତ୍ତରଞ୍ଜନ ପାତ୍ର, କଣ୍ଟାମାଳ ମଣ୍ଡଳ ସଭାପତି ଅନିଲ ପ୍ରଧାନ, ସ୍ଥାନୀୟ ସରପଞ୍ଚ ରଶ୍ମିତା ରଣା, ସ୍ଥାନୀୟ ସମିତି ସଭ୍ୟା ଅଙ୍ଗୁରି ତାଣ୍ଡି, ସୂର୍ଯ୍ୟ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ୩ଶହରୁ ଅଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ ।

## ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ



ସୁବଳୟା,୭ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଉଫୁଲା ପଞ୍ଚାୟତ ଅନ୍ତର୍ଗତ କମଲପୁରସ୍ଥିତ ବୁଣାକାର ସୁବିଧାକେନ୍ଦ୍ର ପ୍ରାଙ୍ଗଣରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତାରେ ରେଆର ସୋନପୁର ଦ୍ୱାରା ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ ଓ ବୈଠକ ଅନୁଷ୍ଠିତ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷ୍ୟକ ଭାବରେ ଜିଲ୍ଲା ଜରୁରୀକାଳୀନ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱନାଥ ନାୟକ ଯୋଗଦେଇ କମିଟି ଗଠନର ନିତିନିୟମ ବିଷୟରେ ଆଲୋଚନା କରିଥିଲେ । ଗ୍ରାମର ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ୱାର୍ଡ ସଭ୍ୟ, ଗ୍ରାମସମ୍ବଳ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା ବୈଠକରେ ଯୋଗ ଦେଇ ବିପର୍ଯ୍ୟୟ ସମ୍ପର୍କିତ ବିସ୍ତୃତ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗ୍ରାମ କମିଟି ଗଠନ କରାଯାଇଥିଲା । ରେଆର ତରଫରୁ ବିଶ୍ୱମ୍ବର ସାହୁ, ସୁଦାମ ଗାଇଗରିଆ, ମିତ୍ରଭାନୁ ମଲ୍ଲିକ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ ।

## ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ସୁବଳୟା/ବୀରମହାରାଜପୁର, ୭ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଶିବିରକୁ ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ,ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବ୍ଲକ୍ ସାମାଜିକ ସୁରକ୍ଷା ଅଧରକାରୀ ଅଞ୍ଜୁଲତା ମିଶ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଦୃଷ୍ଟି ବାଧିତ, ଶ୍ରବଣ ବାଧିତ, ଏବଂ ଶାରୀରିକ ବିକଳାଙ୍ଗଙ୍କୁ ପରୀକ୍ଷା କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଚଳନ ଶକ୍ତିରେ ୧୮୩ ଜଣ, ଶବଚ୍ଚ ଜନିତ ସମସ୍ୟା ପାଇଁ ୧୫୩ଜଣ ,ଆଖି ପରୀକ୍ଷା ପାଇଁ ୪୭ ଜଣ, ଏମଆର ପାଇଁ ୫୯ ଜଣ, ଗୋଡ ହାତ ବଙ୍କା ପାଇଁ ୧୨ ଜଣ ବସ୍‌ପାସ ପାଇଁ ୬୯ ଜଣ ନୂତନ ପେନସନ ପାଇଁ ୫୯ ଜଣ, ବିକଳାଙ୍ଗ ପ୍ରୋତ୍ସାହନ ବିବାହିତ ରାଶି ପାଇଁ ୩ ଜଣ, ବାଣୀଶ୍ରୀ ବୃତ୍ତି ପାଇଁ ୧୦୦ ଜଣ, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା ପାଇଁ ୩ଜଣ, ମାଗଣାରେ ଲାପଟପ୍ ଯୋନାରେ ସାମିଲ କରିବା ପାଇଁ ୩ଜଣ, କେରିଅର କାଉନସେଲିଂରେ ୮୨ ଜଣ ନାମ ପଞ୍ଜୀକରଣ କରିଥିଲେ । ଏପରିକି ଆଇଟିଆଇରେ ମାଗଣାରେ ନାମ ଲେଖାଇବା ସହ ଭିନ୍ନକ୍ଷମଙ୍କୁ ସରକାରୀସ୍ତରରେ ଆତ୍ମନିର୍ଭଶୀଳ ହେବାପାଇଁ ନାମ ପଞ୍ଜୀକରଣ କରାଯାଇଥିଲା ।

ଡଃ.ସରୋଜ ମେହେର, ଡଃ.ସମିର ଭୋଇ, ଡଃ.ଭାଗ୍ୟଶ୍ରୀ ପଧାନ, ଡଃ.ନରେନ୍ଦ୍ର ମେହେର, ଡଃ.ଆସିଶ କୁମାର ସାହୁ, ଡ. ରଜନୀକାନ୍ତ ମେହେରଙ୍କ ସମେତ ସବୁ ବିଭାଗର ଡାକ୍ତର ଉପସ୍ଥିତ ରହି ପରୀକ୍ଷା ନିରିକ୍ଷା କରିଥିଲେ । ପରେ ବ୍ଲକ୍ ଉପାଧ୍ୟକ୍ଷା ଶାନ୍ତି ଲୁହା ଆସି ଭିନ୍ନକ୍ଷମ ଶଶକ୍ତକରଣ ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ଶିବିରକୁ ବୁଲି ଦେଖିବାସହ ବିନ୍ନକ୍ଷମ ଲୋକେ କିଭଳି ସରକାରଙ୍କର ବିଭିନ୍ନ ଯୋଜନାରେ ସାମିଲ ହୋଇ ଅବଗତ କରିଥିଲେ । ବ୍ଲକ୍‌ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

### ● ସ୍କୁଲରେ ପୁଣି ତାଲା ପକାଇଦେଲେ ଅଭିଭାବକ

## ଘରକୁ ଫେରିଗଲେ ଛାତ୍ରଛାତ୍ରୀ, ପାଠପଢ଼ା ବନ୍ଦ



ହରଭଙ୍ଗା,୭ ।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଘୋରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପୁଣି ଅଭିଭାବକ ତାଲା ପକାଇଛନ୍ତି । ଏହାଫଳରେ ପାଠ ନ ପଢି ସମସ୍ତ ଛାତ୍ରଛାତ୍ରୀ ଘରକୁ ଫେରିଯାଇଥିଲେ । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଅଛି । କିନ୍ତୁ ଶିକ୍ଷାଦାନ ବେଳକୁ ମାତ୍ର ଦୁଇ ଜଣ ଶିକ୍ଷକ । ଏହାକୁ ନେଇ ଗତ ମାସ ବିଦ୍ୟାଳୟକୁ ଶିକ୍ଷକ ଯୋଗାଇଦେବା ପ୍ରତିବାଦରେ ଗ୍ରାମବାସୀ ତାଲା ପକାଇଥିଲେ । ଏବିଇଓ ଅଖିଳ ପ୍ରଧାନ ପହଞ୍ଚି ବୁଝାସୁଝା କରିବା ପରେ ସାତଦିନ ମଧ୍ୟରେ ଶିକ୍ଷକ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ବିଭାଗ ପ୍ରତିଶ୍ରୁତି ଭୁଲି ଯାଇଥିବରୁ ବାଧ୍ୟ ହୋଇ ଗାଁ ଲୋକେ ଆଉ ଥରେ ତାଲା ପକାଇଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲରେ ତାଲା ପଡିବ ବୋଲି ଅଭିଭାବକ କହିଛନ୍ତି । ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଅଜୟ ଲୁହାଙ୍କୁ ପଚାରିବାରୁ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ଶିକ୍ଷକ ନିଯୁକ୍ତି ପାଇଁ ଅବଗତ କରିଛନ୍ତି । ଖୁବ୍ ଶୀଘ୍ର ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ଦିଆଯିବ ବୋଲି କହିଥିଲେ ।

## ଗୁଣବତ୍ତା ସୁନିଶ୍ଚିତ ମାନକପତ୍ର କାର୍ଯ୍ୟକ୍ରମ



ସୁବଳୟା,୭ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ଜଟେସିଂହା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଠାରେ ରାଜ୍ୟସ୍ତରୀୟ ଗୁଣବତ୍ତା ସୁନିଶ୍ଚିତ ମାନକପତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଡା ରବିନାରାୟଣ ମିଶ୍ର, ପ୍ରଶନ୍ନ ରାଉତ, ପ୍ରଦିପ କୁମାର ସାହୁ, ଡ଼ାପ୍ରଣବ ମହାପାତ୍ର, ଆଲୋକ କୁମାର ସେଠ, ପ୍ରବିଣ ରଥ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ । ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ସେହି ଉପରେ ଆଲୋଚନା ହୋଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଜ୍ଞା ପରିମିତା ହୋତା ଓ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଯୁକ୍ତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଭାନୁମତି ସାହୁ, ଗିତାଞ୍ଜଳି ଭୋଇ, ଗୀତାଞ୍ଜଳି ଜଗଦଳା, ଅନୁସୟା ମଲ୍ଲିକ, ସୁକାନ୍ତି ସାହୁ, ପୁଷ୍ପା ପଧାନ, ପୂର୍ଣ୍ଣିମାଶି ଭୋଇ, ଝୁନୁ ଖମାରି, ଗୀତାଞ୍ଜଳି ସେଠି ପ୍ରମୁଖ ଆଶା ଦିଦିମାନେ ଉପସ୍ଥିତ ଥିଲେ । ସେହିପରି କୁଡାପଡା ଓ ମସିଣାପାଲି ଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।

## ମଶାରି ବଣ୍ଟନର ଶୁଭାରମ୍ଭ

ଶଗଡା/ମନମୁଣ୍ଡା,୭ ।୧୧(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ଶଗଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମଶାରି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର, ବାଉଁଶୁଣୀ ସିଏଚସି ଅଧକ୍ଷ



ଡାକ୍ତର ଅନ୍ତର୍ଯ୍ୟାମୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ଼, ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ମହେନ୍ଦ୍ର ସାଏ, ଡାକ୍ତର ମଦନମୋହନ ପ୍ରଧାନ, ମନୋଜ ସାହୁ, ସୁଧାଂଶୁ ଶେଖର ପ୍ରଧାନ, କୁନ୍ଦନଲାଲ ଭୋଇ, ଅନ୍ତର୍ଯ୍ୟାମୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ବିଦ୍ୟାଳୟସ୍ତରୀୟ କ୍ରିକେଟ ଖେଳାଳି ଚୟନ ଶିବିର



ପଲଶାଗୋରା,୭ ।୧୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପଲଶାଗୋରା ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ କ୍ରିକେଟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଦ୍ଧବ ମହାଲିକ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂଜୀବ ପ୍ରହରାଜଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା । ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୬୩ଜଣ ଛାତ୍ର ଯୋଗ ଦେଇଥିଲେ । ୧୭ ଜଣ ଜିଲ୍ଲାସ୍ତରୀୟ ଚୟନ ଶିବିରରେ ଭାଗ ନେବେ । ଖେଳ ପରିଚାଳନାରେ ଖେଳ ଶିକ୍ଷକ ଅରୁଣ ଖଟୁଆ, ସୁଦାମ ମିଶ୍ର ଓ ଅନ୍ୟ ବିଦ୍ୟାଳୟର ଖେଳ ଶିକ୍ଷକଙ୍କ ସହ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବିଜ୍ଞାନ ପ୍ରଦର୍ଶନୀ

ଶଗଡା,୭ । ୧୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଙ୍କ ବ୍ଲକ୍ ବରଗାଁ ହାଇସ୍କୁଲରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ ସେଠି, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରୀ ଆଣିଥିବା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶ୍ରେଷ୍ଠ ପ୍ରକଳ୍ପ ପ୍ରସ୍ତୁତ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା



### ଶୁଣୁନାହାନ୍ତି ଡବଲ୍ ଇଞ୍ଜିନ ସରକାର

# ସୋନପୁର ଦେଇ ନୂଆ ରେଳ ଲାଇନ୍ ନିର୍ମାଣ ଦାବିକୁ ଅଣଦେଖା



ସୋନପୁର,୭ ।୧୧(ସମିସ)

କିଛି ମାସ ମଧ୍ୟରେ ସୋନପୁର-ବୌଦ୍ଧ ମଧ୍ୟରେ ଟ୍ରେନ୍ ଗଡିବା ନେଇ କେନ୍ଦ୍ର ସରକାର ଯୋଜନା କରୁଛନ୍ତି । ଏହା ଜିଲ୍ଲାବାସୀଙ୍କ ପାଇଁ ଏକ ଖୁସି ଖବର ହୋଇଥିବା ବେଳେ ଜିଲ୍ଲା ଦେଇ ରେଳ ଲାଇନ୍ ନିର୍ମାଣ ଦାବିପ୍ରତି ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ସମ୍ବଲପୁରରୁ ଗୋପାଳପୁର ନୂଆ ରେଳ ଲାଇନ୍ ସୋନପୁର ଦେଇ ନିର୍ମାଣ ପାଇଁ ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ଦାବିକୁ କେହି କର୍ଣ୍ଣପାତ କରୁନାହାନ୍ତି ।ଡବଲ୍ ଇଞ୍ଜିନ୍ ସରକାର ଆସିଲେ ଦାବି ନିଶ୍ଚୟ ପୂରଣ ହେବ ବୋଲି ଆଶା କରାଯାଉଥିଲା । କିନ୍ତୁ ଏଯାଏଁ ସରକାର କୌଣସି ନୀତିଗତ ନିଷ୍ପତ୍ତି ନେଇ ନାହାନ୍ତି । ଜିଲ୍ଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିଭିନ୍ନ ଫୋରମରେ ବାରମ୍ବାର ଦାବି ଉପସ୍ଥାପନ କରି ବିଫଳ ହୋଇ ଥିବାରୁ ସଂଗଠନ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ସମ୍ବଲପୁରରୁ ଧମା, ଉଲୁଣ୍ଡା, ବୀରମହାରାଜପୁର ଦେଇ ରେଳ ଲାଇନ ନିର୍ମାଣ ହେଲେ ଅଧିକ ସଂଖ୍ୟାରେ ଲୋକେ ଉପକୃତ ହୁଅନ୍ତେ ବୋଲି ମତ ପ୍ରକାଶ ପାଇଛି । ପୂର୍ବରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ବଲାଙ୍ଗିର ସାଂସଦ, ତତ୍କାଳୀନ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରମୁଖଙ୍କୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରେରଣ କରାଯାଇଛି । ଏହାସତ୍ତ୍ୱେ ମଧ୍ୟ କେନ୍ଦ୍ର ସରକାର କୌଣସି ସ୍ପଷ୍ଟ ଘୋଷଣା କରି ନଥିବାରୁ ସ୍ଥାନୀୟ ଅଧିବାସୀମାନେ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ରେଳ ଲାଇନ୍ ପାଇଁ ଭବିଷ୍ୟତରେ ସୋନପୁର, ଉଲୁଣ୍ଡା, ବିନିକା, ବୀରମହାରାଜପୁର ଆଦି ସହରରେ ଆନ୍ଦୋଳନ ଦାନା ବାନ୍ଧୁଛି ।

ସକାଳ THE SAKALA



www.sakalaepaper.com

# ‘ସୁରଭି’ରେ ପ୍ରତିଭା ଦେଖାଇଲେ ଛାତ୍ରଛାତ୍ରୀ




ସୋନପୁର, ୭ ।୧୧(ସମିସ)

ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସଭ ‘ସୁରଭି’ଓ ଲୋକକଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧକ୍ଷତାରେ ଉଦଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବରେ ଡାଉନ ଟୁ ଆର୍ଥ ପତ୍ରିକାର ପରିଚାଳନା ସମ୍ପାଦକ ରିଚାର୍ଡ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର, ଉଲ୍ଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ହୃଷିକେଶ ଚାନ୍ଦ ଓ ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।




ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ସୁରଭି ଓ କଳା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ

# ବାଘ ବ୍ୟାରେଜ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା

**ମନମୁଣ୍ଡା, ୭ ।୧୧(ସମିସ):** ମନମୁଣ୍ଡା ଥାନା ଶଗଡ଼ା ବାଘ ବ୍ୟାରେଜର ପୁନରୁଦ୍ଧାର ଓ ରୂପାନ୍ତରଣ ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନେଇ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ତଦାରଖ ତଥା ସମୀକ୍ଷା କରିଛନ୍ତି।



ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ବଳବନ୍ତରାୟ, ବଲାଙ୍ଗୀର ସର୍କଲ ଜଳ ସମ୍ପଦ ଆଡିସନାଲ ଚିଫ ଇଂଜିନିୟର ଦେବଦତ୍ତ ରାୟ ମହାପାତ୍ର, ସହକାରୀ ଯନ୍ତ୍ରୀ ଅନାଦି ବେହେରା ଉପସ୍ଥିତ ଥିଲେ।

# ଜମି ଜଙ୍ଗଲକୁ ନେଇ ପ୍ରଶାସନିକ ବୈଠକ

**ସିନାପାଲି/ବୋଡ଼େନ, ୭ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ପାତାଳଗଙ୍ଗାସ୍ଥିତ ରାଧାକୃଷ୍ଣ ସତସଙ୍ଗ ସଭା ଗୃହରେ ଜମି ଜଙ୍ଗଲ ସମସ୍ୟା ଓ ସମାଧାନକୁ ନେଇ ବୋଡ଼େନ ବ୍ଲକ ମଙ୍ଗଳ ଅଧିକାରୀ କ୍ଷଣପ୍ରଭା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ ଗୋଷ୍ଠି ଜଙ୍ଗଲ ସମ୍ବଳ ଅଧିକାର ଉପରେ ଆଲୋଚନା କରାଯାଇଥିବା ବେଳେ ଗୋଷ୍ଠିଗତ ଅଧିକାର, ବ୍ୟକ୍ତିଗତ ଆବେଦନ ଉପରେ ଚର୍ଚ୍ଚା କରାଯାଇ ଗ୍ରାମବାସୀଙ୍କ ମତାମତ ଲୋଡ଼ା ଯାଇଥିଲା। ଆଲୋଚନା ହେବା ସହ ପଟ୍ଟା ପ୍ରଦାନ ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ ହୋଇଥିଲା ଏପରିକି ମିଳିତ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମତ ପ୍ରକାଶ ପାଇଥିଲା। ପ୍ରକାଶ ଯୋଗ୍ୟ ଯେ, ଗତ ୨୮ ତାରିଖ ଦିନ ୮ ଦଫା ଦାବି ନେଇ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ତରଫରୁ ନୂଆପଡ଼ା ଜିଲ୍ଲାପାଳ ଅଫିସ ଘେରାଉ ସାଙ୍ଗକୁ ଧାରଣା ଦିଆଯାଇଥିଲା। ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପାଇ ଧାରଣା ୩ ଦିନରେ ପ୍ରତ୍ୟାହୃତ ହୋଇଥିଲା। ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତତ୍ପରତା ଦେଖାଇ ଜମି ମାପ ସାଙ୍ଗକୁ ଅନେକ ସମସ୍ୟା ସମାଧାନ କରିବାକୁ ଆଗେଇ ଆସିଛି। ବୈଠକରେ ଖଡିଆଳ ରେଞ୍ଜର ସଂସ୍କୃତି ଗଡ଼ନାୟକ, ଯାର ଅନୁଷ୍ଠାନର ପରିଚାଳକ ମହେନ୍ଦ୍ର ଯୋଶୀ, ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ଜିଲ୍ଲା ଆବାହକ ମେଘନାଦ ଖର୍ସେଲ, ସଂଯୋଜକ ହୀରାଲାଲ ମାଝି, ଶୁଭ୍ରାଂଶୁ କୁମାର ନାଏକ, ଯୁଧିଷ୍ଠିର ସାହୁ, ଫରେଷ୍ଟର ଖଗେଶ୍ୱର ମାଝି, ଘନଶ୍ୟାମ ଶବର, ମେଘନାଦ ମାଝି ସମେତ ବିଭିନ୍ନ ଜଙ୍ଗଲ ଅଧିକାର କମିଟିର ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ।



# ଡ୍ରେନ୍‌ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



**କଣ୍ଟାବାଞ୍ଜି/ମୁରିବାହାଲ, ୭ ।୧୧(ସମିସ):** କଣ୍ଟାବାଞ୍ଜିରୁ ମୁରିବାହାଲ ଯାଉଥିବା ଘଣ୍ଟବାହେଲି ଛକ ରେଳଲାଇନ ଡ୍ରେନ୍ ତଳେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତିଙ୍କ କୌଣସି ପରିଚୟ ମିଳି ନ ଥିବା ବେଳେ ତାଙ୍କ ପ୍ୟାଣ୍ଟ ପକେଟରେ ଟିଟିଲାଗଡ଼ରୁ ହରିଶଙ୍କର ରୋଡ୍ ପର୍ଯ୍ୟନ୍ତ ଏକ ଟ୍ରେନ୍ ଟିକଟ ମିଳିଛି। ସେ ଟ୍ରେନ୍‌ରୁ ପଡ଼ିଗଲେ ନା ତାଙ୍କୁ କିଏ ହତ୍ୟା କରି ଫିଙ୍ଗି ଦେଇଛି କାରଣ ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ କଣ୍ଟାବାଞ୍ଜି ଜିଆରପି ପୁଲିସ ପହଞ୍ଚି ଶବ ଉଦ୍ଧାର କରି ଅଧିକ ତଦନ୍ତ ଆରମ୍ଭ କରିଛି।

# ପୋଖରୀରୁ ପଳାଇଲେ ୨ ଲକ୍ଷ ଟଙ୍କାର ଯାଆଁଳ

**ବୌଦ୍ଧ, ୭ ।୧୧(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଗ୍ରାମର ଏକ ପୋଖରୀରୁ ମାଛ ଯାଆଁଳ ପଳାଇଛନ୍ତି। ଗ୍ରାମବାସୀ ବକ ବନ୍ଧ ପୋଖରୀରୁ ଧାନଜମିକୁ ପାଣି ମଡ଼ାଇବା ପାଇଁ କାଟିଦେଇଥିବା ଯୋଗୁଁ ମାଛ ଯାଆଁଳ ଚାଲି ଯାଇଛନ୍ତି। ଏହାକୁ ନେଇ ମାଛ ଚାଷ କରିଥିବା ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ଜାମ୍ବୁ ବନ୍ଧ ଓ ବକ ବନ୍ଧ ପୋଖରୀରେ ୧୩୫ କିଲୋ ଯାଆଁଳ ଛାଡ଼ିଥିଲେ। ଏଣୁ କ୍ଷତିପୂରଣ ଦେବାକୁ ସେମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି।

# ଶିକାରୀ ଜାଲରେ ଲାଗିଥିବା ବିରଳ ପକ୍ଷୀ ଉଦ୍ଧାର



**ମନମୁଣ୍ଡା, ୭ ।୧୧(ସମିସ):** ବୌଦ୍ଧ ବ୍ଲକ ମନମୁଣ୍ଡା ରେଞ୍ଜ କୁମରକାନୀ ଗ୍ରାମରେ କିଛି ପକ୍ଷୀ ଶିକାରୀ ଜାଲ ପକାଇ ଦେଇଥିବାବେଳେ ଏକ ବିରଳ ପ୍ରଜାତିର ପକ୍ଷୀ ଉଦ୍ଧାର ହୋଇଛି। ପକ୍ଷୀଟି ଜାଲରେ ଲାଗିଥିବା ତାଳପଦର ଗ୍ରାମର ଆଶୁତୋଷ ହୋତା ଦେଖିବାକୁ ପାଇଥିଲେ। ଏହାପରେ ଗ୍ରାମର ନରହରି ଜାଲଙ୍କ ସହ ମିଶି ଜାଲ କାଟି ପକ୍ଷୀକୁ ଉଦ୍ଧାର କରିବା ପରେ ଛାଡି ଦେଇଥିଲେ। ଏଥିରେ ସାମ୍ବାଦିକ ସୀତାକାନ୍ତ ସିଂ ସହଯୋଗ କରିଥିଲେ।

# ଅନୁପସ୍ଥିତ ଥିବା ହିତାଧିକାରୀଙ୍କୁ ରାସନ ସାମଗ୍ରୀ ପ୍ରଦାନ ନ କଲେ ଆନ୍ଦୋଳନ

**କଣ୍ଟାବାଞ୍ଜି, ୭ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେକେଲା ବ୍ଲକ ହେଉଛି ଦାଦନ ପ୍ରବଣ ଅଞ୍ଚଳ ଭାବେ ବେଶ ଜଣାଶୁଣା। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଲୋକ ନିଜ ଅଞ୍ଚଳରେ କାମ ଧନ୍ଦା ନ ପାଇ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଉଥିବା ବେଳେ ସେମାନେ ୪/୫ ମାସ ଧରି ଅନୁପସ୍ଥିତ ରହୁଛନ୍ତି। ସେଠାରୁ ସେମାନେ ଘର କୁ ଆସି ରାସନ ସାମଗ୍ରୀ ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ କୁ ଯାଉଥିବା ବେଳେ ଯୋଗାଣ ସହାୟକମାନେ ରାସନ ସାମଗ୍ରୀ ଲ୍ୟାପ୍‌ସ ହୋଇଛି କହି ଆଉ ରାସନ ସାମଗ୍ରୀ ଦେଉ ନ ଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନୁପସ୍ଥିତ ଥିବା ହିତାଧିକାରୀଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯାଉ ବୋଲି ପ୍ରେସ୍ ଭିଡିଓ ବାର୍ତ୍ତା ରେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭିଡିଓ ବାର୍ତ୍ତା ଦେବା ସମୟରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ କୁମାର ଯୋଶୀ, କଳ୍କେନ୍ଦ୍ର ସରାଫ, ବୃନ୍ଦାବନ ହାତୀ, ରାଜେଶ ଭୋଇ, କ୍ଷୀରେନ୍ଦ୍ର ସାହୁ, ଓମ ପ୍ରକାଶ ରାଓ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ। ଏହି ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ହିତାଧିକାରୀମାନଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ କୁମାର ଯୋଶୀ ପ୍ରେସ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି।

# ଏସ୍‌ଏଚ୍‌ଜି ମହିଳାଙ୍କୁ ସଚେତନତା



**ସିନାପାଲି, ୭ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଘଣ୍ଟିଗୁଡା, ଚଟିଆଗୁଡା ଓ ହାତିବନ୍ଧା ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ କଳିଙ୍ଗ କୁସୁମ ଫାଉଣ୍ଡେସନ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ଫାଉଣ୍ଡେସନ ତରଫରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହିଳା ମାନଙ୍କୁ ଡିଜିଟାଲ, ଆଇନଗତ ସମେତ ଆର୍ଥିକ ସାକ୍ଷରତା ଉପରେ ସଚେତନତା କରଯାଇଥିଲା। ତିନିଗୋଟି ଶିବିର ରେ ଶତାଧିକ ମହିଳା ଯୋଗଦାନ କରି ଏହାର ପରିଚାଳନା ସାଙ୍ଗକୁ ବର୍ତ୍ତମାନ ଯୁଗରେ ଡିଜିଟାଲ ଜରୁରୀ ହୋଇ ପଡ଼ିଥିବାରୁ ଏହାକୁ ସଠିକ ଭାବରେ ବିନିଯୋଗ କରିବା ପାଇଁ ସଚେତନତା କରାଯାଇଥିଲା। ସେହିପରି ଆର୍ଥିକ ପରିଚାଳନା କରିବା ସହ ସଞ୍ଚୟ ସଠିକ ବିନିଯୋଗ କରିବା ଦିଗରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସର ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ତଥା ଫାଉଣ୍ଡେସନ ସଦସ୍ୟା ମନ୍ଦାକିନୀ ବଘେଲ, ଘଣ୍ଟିଗୁଡା ପଞ୍ଚାୟତ ସରପଞ୍ଚ ଖୁଟୁରାମ ସୁନାନୀ, ଏମବିକେ ସମେତ ଅନେକ ଉପସ୍ଥିତ ଥିଲେ।

# ସ୍କାଉଟ୍ ଗାଇଡ୍‌ର ୭୫ତମ ସ୍ଥାପନା ଦିବସ

**ବୌଦ୍ଧ, ୭ ।୧୧(ସମିସ):** ବୌଦ୍ଧ ଜିଲ୍ଲା ସ୍କାଉଟ ଓ ଗାଇଡସ୍ ତରଫରୁ ସ୍ଥାନୀୟ ଜାନକୀ ବିହାରୀ ଉଚ୍ଚ ବିଦ୍ୟାଳୟ ମାଉଳିସିଙ୍ଗା ପରିସରରେ ଭାରତ ସ୍କାଉଟ ଓ ଗାଇଡସର ୭୫ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଣସଂକ୍ରାମକ ରୋଗ ପରାମର୍ଶଦାତା ଆଲୋକ ମିଶ୍ର ଯୋଗଦେଇ ସ୍କାଉଟ ଓ ଗାଇଡସ୍‌ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କସ୍ତୁରୀ ବିଶ୍ୱାଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ତମାଖୁ ବର୍ଜନ ଓ କ୍ୟାନସର ନିରାକରଣ ପାଇଁ ମଧ୍ୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ତମାଖୁ ବର୍ଜନ ପାଇଁ ଏକ ସଚେତନତା ଶୋଭାଯାତ୍ରାରେ ଛାତ୍ରଛାତ୍ରୀ ବାହାରି ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇ ଲୋକଙ୍କୁ ସଚେତନ କରିଥିଲେ। ତମାଖୁ ସେବନ କେତେ ମାରାତ୍ମକ ତାହା ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଶଶାଙ୍କ ଶେଖର ଶାସିନୀ, ସୁଧୀର ଭୋଇ ପରିଚାଳନା କରିଥଲେ। ଗାଇଡସ କ୍ୟାପଟେନ ମମତା ଦାଶ, ଚନ୍ଦ୍ରମା ଯୋଶୀ, ଗାୟତ୍ରୀ ବେହେରା, ସ୍କାଉଟ ମାଷ୍ଟର ତପନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚାନନ ସାହୁ ବାଉଁଶୁଣି କଲେଜର ନୂତନ ଅଧକ୍ଷ

**ବିନିକା, ୭ ।୧୧(ସମିସ):** ବିନିକା ବ୍ଲକ ବାଉଁଶୁଣି ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅତିରିକ୍ତ ଅଧକ୍ଷ ଭାବରେ ପଞ୍ଚାନନ ସାହୁ ଯୋଗଦାନ କରିଛନ୍ତି। ଡି ଏଚ୍‌ଏସଇ ପତ୍ର ସଂଖ୍ୟା ୧୨୯୯୧ ତା ୨.୧୧.୨୦୨୪ଅନୁଯାୟୀ ବିନିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫୁଲମୁଠିରେ ଅଧକ୍ଷ ଭାବେ କାର୍ଯ୍ୟରତ ଥିବା ପଞ୍ଚାନନ ସାହୁଙ୍କ ଯୋଗଦାନ ପରେ ଅଧକ୍ଷଙ୍କ ପ୍ରକୋଷ୍ଠରେ ଶ୍ରୀ ସାହୁଙ୍କୁ ପରିଚାଳନା କମିଟି, ଅଧକ୍ଷପକ ବୃନ୍ଦ ଓ ସମସ୍ତ କର୍ମଚାରୀ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀସାହୁ ପୂର୍ବତନ ଅଧକ୍ଷ ବନବିହାରୀ ମିଶ୍ରଙ୍କ ଠାରୁ ସମସ୍ତ ନଥିପତ୍ର ଗ୍ରହଣ କରିଛନ୍ତି। ସୂଚନା ଯୋଗ୍ୟ ଯେ ଅଧକ୍ଷ ଶ୍ରୀ ସାହୁ ବର୍ତ୍ତମାନ ବିନିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଉଁସୁଣି ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପଦବୀରେ ଅବସ୍ଥାପିତ। ଉଭୟ ବିଦ୍ୟାଳୟର ପରିଚାଳନା ସୁଚାରୁ ରୂପେ ତୁଲାଇବା ନେଇ ପ୍ରତିକ୍ରିୟାରେ ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# କୃଷି ଉତ୍ପାଦନ କମ୍ପାନୀ ପରିଦର୍ଶନ



**ଶଗଡ଼ା, ୭ ।୧୧(ସମିସ):** କନ୍ଧମାଳ ବ୍ଲକ କୁମରକେଲି ନୀଳକଣ୍ଠେଶ୍ୱର କୃଷି ଉତ୍ପାଦନ କମ୍ପାନୀକୁ ବିଭାଗୀୟ ଅଧିକାରୀ ପରିଦର୍ଶନ କରିଛନ୍ତି। ମାର୍କେଟିଂ ଆଣ୍ଡ ଇନ୍ସପେକ୍ଟର (ଡିଏମଆଇ) ଭୁବନେଶ୍ୱରର ଅନୀଲ ସିଂ ପରିଦର୍ଶନ କରି ବ୍ୟବସାୟିକ କାର୍ଯ୍ୟକଳାପର ଯାଞ୍ଚ ଏବଂ ଆରଏମସି ମାଧ୍ୟମରେ କୃଷି ଉତ୍ପାଦନ କମ୍ପାନୀର ଉନ୍ନତି ପାଇଁ ସମସ୍ତ ଡକ୍ୟୁମେଣ୍ଟ ଯାଞ୍ଚ କରିବା ସହ ପରାମର୍ଶ ଦେଇଥିଲେ। ପରମାନନ୍ଦ ପ୍ରଧାନ, ତୃତିଆ ପ୍ରଧାନ, ସବ୍ୟସାଚୀ କର୍ଣ୍ଣ ରଞ୍ଜନ ଭୋକ୍ତା, ଚାଷୀ ଅକୃର ପ୍ରଧାନ, ସୁରମଣି କର୍ଣ୍ଣ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଛାତ୍ରଛାତ୍ରୀଙ୍କ ପ୍ରତି ଅଭିଭାବକଙ୍କ ଦାୟିତ୍ୱ ନେଇ ଆଲୋଚନା

**ବିନିକା, ୭ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଚନ୍ଦ୍ରମା ହୋଟେଲରେ ଛାତ୍ରଛାତ୍ରୀଙ୍କ ପ୍ରତି ଅଭିଭାବକଙ୍କ ଦାୟିତ୍ୱ ସମ୍ବନ୍ଧିୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରସ୍ଥିତ ବୈଦିକ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ତରଫରୁ ଆୟୋଜିତ କର୍ମଶାଳାରେ ବ୍ଲକ ଓ ଏନ୍‌ଏସି ଅଞ୍ଚଳର ବହୁ ଅଭିଭାବିକା ଯୋଗଦେଇଥିଲେ। ଇନଷ୍ଟିଚ୍ୟୁସନ ମ୍ୟାନେଜିଂ ଡାଇରେକ୍ଟର ଆନନ୍ଦ ଅଗ୍ରୱାଲ ଯୋଗଦେଇ ଶିଶୁର ଯତ୍ନ, ମୋବାଇଲରୁ ଶିଶୁଙ୍କୁ ଦୂରରେ ରଖିବା, ପାଠ୍ୟକ୍ରମ ଖସଡ଼ା ଉପରେ ଛାତ୍ରଛାତ୍ରୀ କିପରି ଭବିଷ୍ୟତ ଗଠନ କରିବେ ବୁଝାଇବା ସହ ପିଲାଙ୍କ ପ୍ରତି ବାପା ମାଆଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କିଭଳି ରହିବା ଦରକାର ଆଲୋକପାତ କରିଥିଲେ। ଆଲୋଚନା ପରେ ଉପସ୍ଥିତ ଅଭିଭାବକଙ୍କ ତରଫରୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଜଳ ଉତ୍ସବ ପାଳନ କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୭ ।୧୧(ସମିସ):** ଜଳର ସୁପରିଚାଳନା, ଜଳ ସଂରକ୍ଷଣ, ବର୍ଷା ଜଳ ଅମଳ ନେଇ ବିଭିନ୍ନ ଯୋଜନା ପରିପ୍ରେକ୍ଷୀରେ ସଫଳତା ଲାଭ ସହ ବଲାଙ୍ଗିରର ଜିଲ୍ଲା ଦେଶରେ ପ୍ରଥମ ସ୍ଥାନ ଦଖଲ ସହ ପୁରସ୍କୃତ ହୋଇଛି। ଟିଟିଲାଗଡ଼ ବ୍ଲକ ଖୋଲାଣ ଠାରେ ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟସହ ସରପଞ୍ଚ ନରେଶ ଅଗ୍ରୱାଲଙ୍କ ପ୍ରୟାସରେ ଗ୍ରାମର ଅମୃତ ସରୋବର କେନ୍ଦ୍ର ଜଳଶକ୍ତି ବିଭାଗର ଦୃଷ୍ଟି ଆକର୍ଷଣ ସହ ପ୍ରଶଂସିତ ହୋଇଛି। ଏପରିପେକ୍ଷୀରେ ଦେଶବ୍ୟାପୀ ୧୫ ଦିନିଆ ଜଳ ଉତ୍ସବ ପାଳନ ନେଇ ବଲାଙ୍ଗିର ଜିଲ୍ଲାର ଖୋଲାଣ ଅମୃତ ସରୋବରରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଜଳସେଚନ ବ୍ୟବସ୍ଥା ପାଇଁ ନଦୀବନ୍ଧ, ଚେକ୍ ଡ୍ୟାମ, ବୋରୱେଲ, ପାନୀୟ ଜଳ ପାଇଁ ବସୁଧା ଯୋଜନା, ହର ଘର ଜଳ, ହର ଘର ନଳ ପହଞ୍ଚାଇବା ବ୍ୟବସ୍ଥା କରିଛନ୍ତି। ଜଳକୁ ସଂରକ୍ଷଣ କରିବା ଆମ ସମସ୍ତଙ୍କ ଧ୍ୟେୟ ହେଉ ବୋଲି କହିଥିଲେ। ଏହି ଅବସରରେ ବିଧାୟକ ଜଳ ସଂରକ୍ଷଣ ପାଇଁ ସଂକଳ୍ପ ପାଠ କରାଇଥିଲେ। ଜଳ ସଂରକ୍ଷଣ ନେଇ ଜଳ ବନ୍ଦନୀ କରିଥିଲେ ମଞ୍ଚାସିନ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖତ୍ରୀ, ନୀତି ଆୟୋଗର ୟଙ୍ଗ ପ୍ରୋଫେସନାଲ ମନୁଜ ଯୋଷୀ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ବଲାଙ୍ଗିର ଅଧୀକ୍ଷଣ ଯନ୍ତ୍ରୀ ଗୋବର୍ଦ୍ଧନ ନାୟକ ପ୍ରମୁଖ ଜଳ ସଂରକ୍ଷଣର ଆବଶ୍ୟକତା, ସଦୁପଯୋଗ ନେଇ ବିସ୍ତୃତ ସୂଚନା ଦେଇଥିଲେ। ବଲାଙ୍ଗିର ଜଳଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ ଗୌପ୍ୟରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମଞ୍ଚାସିନ ସାଂସଦ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ ମତବ୍ୟକ୍ତ କରିଥିଲେ। ଟିଟିଲାଗଡ଼ ବିଡିଓ ଚନ୍ଦ୍ରମଣି ନାଗ, ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବଲାଙ୍ଗିର, ଟିଟିଲାଗଡ଼ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟନନ୍ଦ ଜଗତ, କନିଷ୍ଠ ଯନ୍ତ୍ରୀ ଶିବଲାଲ କିଷାନ, ଗ୍ରାମ୍ୟ ଜଳଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ଭଦ୍ରା, ଟିଟିଲାଗଡ଼ ସହକାରୀ ନିର୍ବାହୀ ଯନ୍ତ୍ରୀ ଓମ ପ୍ରକାଶ ଦେହୁରୀ, ସହକାରୀ ଯନ୍ତ୍ରୀ ବୃନ୍ଦାବନ ମେହେର, ତୁରେକେଲା ନିର୍ବାହୀ ଯନ୍ତ୍ରୀ ମିନତୀ ମହାରଣା, ସଇଁତଳା କନିଷ୍ଠ ଯନ୍ତ୍ରୀ ଇତିଶ୍ରୀ ଦେହୁରୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବାନୀ ପ୍ରଧାନ, ଏପିଓ ଶୁଭ୍ରାଂସୁ ଶେଖର ମହଣା, ସରପଞ୍ଚ ନରେଶ ଅଗ୍ରୱାଲ, ଇଓ ସୁରେନ୍ଦ୍ର ମିଶ୍ର ପ୍ରମୁଖ ସହାୟତା କରିଥିଲେ।



# କଲରାଝୁଲି ଗ୍ରାମରେ କୃଷି ଉଦ୍ୟମ ତାଲିମ ଶିବିର

**ଶଗଡ଼ା, ୭ ।୧୧(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଘିକୁଣ୍ଡି ଗ୍ରାମପଞ୍ଚାୟତ କଲରାଝୁଲି ଗ୍ରାମରେ କୃଷି ଉଦ୍ୟମ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ତାଲିମ ୧୩ଦିନ ଧରି ଚାଲିବ। ବୌଦ୍ଧ ଆରସେଟି ଏବଂ ଓଡ଼ିଶା ବନାଞ୍ଚଳ ଉନ୍ନୟନପ୍ରକଳ୍ପ କ୍ଷେତ୍ରୀୟ ପରିଚାଳକ ସଂସ୍ଥା (ମନମୁଣ୍ଡା)ର ମଳୟକାନ୍ତ ପଟ୍ଟନାୟକ, ଶେଷଦେବ ଭଙ୍ଗ, ବିକ୍ରମ କିଶୋର ଦୀପ, ବୌଦ୍ଧ ଆରସେଟି ନିର୍ଦ୍ଦେଶକ ବିଚିତ୍ର ମହାପାତ୍ର କାର୍ଯ୍ୟକ୍ରମର ଶୁଭ ଆରମ୍ଭ କରିଥିଲେ। କୃଷି ବିଷୟରେ ଶିଶିର ମହନ୍ତ ପ୍ରାକ୍ ସୂଚନା ଦେଇଥିଲେ। କୃଷକମାନେ କିଭଳି ଅଳ୍ପ ଖର୍ଚ୍ଚରେ ଅଧିକ ଲାଭବାନ ହେବେ ସେ ବିଷୟରେ ଆଲୋଚନା ହୋଇଥିଲା। କାନନ ଖମାରୀ ଚାଷୀମାନେ କିପରି ଜଣେ ଜଣେ ଉଦ୍ୟୋଗୀ ହୋଇପାରିବେ ସେ ବିଷୟରେ ସୂଚନା ଦେଇଥିଲେ।



# ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ

ନୂଆପଡ଼ା, ୭ ।୧୧(ସମିସ)

କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସାବିତ୍ରୀ ବାଇ ଠାକୁର ଦିନିକିଆ ନୂଆପଡ଼ା ଜିଲ୍ଲା ଗସ୍ତ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାମ ବୁଲି ଦେଖିଛନ୍ତି। ମନ୍ତ୍ରୀ ଠାକୁର ବୁଧବାର ସନ୍ଧ୍ୟାରେ ରାୟପୁର ଦେଇ ନୂଆପଡ଼ାରେ ଆସି ପହଞ୍ଚି ଥିଲେ। ରାତିରେ ସ୍ଥାନୀୟ ସର୍କିଟ ହାଉସରେ ଜିଲ୍ଲାପାଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ଗୁରୁବାର ସକାଳେ ପ୍ରଥମେ କେନ୍ଦ୍ରୀୟ ଯୋଜନାରୁ ଚାଲିଥିବା ସଖି କେନ୍ଦ୍ର ବୁଲି ଦେଖିଥିଲେ। ସେଠାରେ କେନ୍ଦ୍ର ଦାୟିତ୍ୱରେ ଥିବା ସଖି ପରିଚାଳିକା ତପସ୍ୱିନୀ ପଣ୍ଡା, ଚେତନା ମହିଳା ସଂଗଠନ ଅଧକ୍ଷା ସୋନାଲି ପାଣିଗ୍ରାହୀଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ କେନ୍ଦ୍ରର ସବୁ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ କରିଛନ୍ତି। ବିଜେପି ତରଫରୁ ବରିଷ୍ଠ ନେତା ସରୋଜ କୁମାର ସାହୁ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା, ତୁଳସ ପଟେଲ, ସଦାନନ୍ଦ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ମନ୍ତ୍ରୀ ହସ୍ପିଟାଲ କ୍ୟାମ୍ପସରେ ଚାଲିଥିବା କାଫେ, ବ୍ଲକ ନିକଟରେ ମାଣ୍ଡିଆ ମିଶନ ତରଫରୁ ଚାଲିଥିବା କାଫେ ଆଦି ଦେଖିଥିଲେ।



